ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.137 Bhubaneswar Wednesday, July 14, 2021 ୨୪ତମ ବର୍ଷ ସଂଖ୍ୟା-୧୩୭ ଭୁବନେଶ୍ୱର, ବୁଧବାର, ଜୁଲାଇ ୧୪, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଟୋକିଓ ଅଲିମ୍ପିକ୍ସ ପାଇଁ ବନ୍ଧା ହୋଇଥିବା ଭାରତୀୟ ଆଥଲେଟ୍ସଙ୍କ ସହ ଯୋଗାଯୋଗ କରୁଛନ୍ତି

## ବିଦ୍ୟୁତ ଦର ହ୍ରାସ ଦାବିରେ ବିଜେପିର ୭ ଦିନିଆ ରାଜ୍ୟବ୍ୟାପୀ ପ୍ରତିବାଦ ଆଜିଠୁ

ଭୁବନେଶ୍ୱର, ୧୩।୭(ପି.ଏନ): ବର୍ଦ୍ଧିତ ବିଦ୍ୟୁତ ଦର ହ୍ରାସ କରିବା ଏବଂ ଓଡିଶାର ସାଧାରଣ ଜନତାକୁ ନିରବିଚ୍ଛିନ୍ନ ଭାବେ ବିଦ୍ୟୁତ ଯୋଗାଇବା ଦାବିରେ ବିଜେପି ପକ୍ଷରୁ ଆସନ୍ତାକାଲି (ବୁଧବାର)ଠାରୁ ୭ ଦିନ ଧରି ସାରା ରାଜ୍ୟରେ ବିଦ୍ୟୁତ ବିତରଣ କମ୍ପାନୀଗୁଡିକ ଆଗରେ ପ୍ରତିବାଦ କରାଯିବ ବୋଲି ରାଜ୍ୟବିଜେପି ସଭାପତି ସମୀର ମହାନ୍ତି ଚେତାବନୀ ଦେଇଛନ୍ତି । ଜୁଲାଇ ୧୪ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିବାଦ ଓ ବିକ୍ଷୋଭ କାର୍ଯ୍ୟକ୍ରମ ଚାଲୁ ରହିବ । ଏହା ସହ ବାତ୍ୟା ପରେ ପରେ ମିଳିଥିବା କେନ୍ଦ୍ରୀୟ ସହାୟତାକୁ କିଭଳି ଖର୍ଚ୍ଚ କରାଯାଇଛି, କେଉଁ ଠିକାଦାରକୁ କାମ ଦିଆଯାଇଛି ଏବଂ କେତେ ପରିମାଣରେ କାମ ହୋଇଛି ତାହାର ସବିଶେଷ ତଥ୍ୟ ଏକ ଶ୍ୱେତପତ୍ର ମାଧ୍ୟମରେ ରାଜ୍ୟ ସରକାର ପ୍ରକାଶ କରନ୍ତୁ । ବିଧାନସଭାରେ ରାଜ୍ୟ ସରକାର ଆଡଜନମେଂଟ ମୋସନର ଉତର ରଖି ବିଦ୍ୟୁତ ଦର କମାଇବା ନେଇ ଯେଉଁ ପ୍ରତିଶୃତି ଦେଇଥିଲେ ତାହା ଏବେ ପାଳନ କରନ୍ତୁ ଏବଂ ବର୍ଦ୍ଧିତ ଟାରିଫକୁ ରାଜ୍ୟ ସରକାର ତୁରନ୍ତ କମ୍ କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଶ୍ରୀ ମହାନ୍ତି ଦାବି କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ରାଜ୍ୟରେ ୨୬ଟି ବଡ ଶିଳ୍ପ ସଂସ୍ଥା ଉପରେ ୨୯୪୯.୬୬ କୋଟି ଟଙ୍କାର ବକେୟା ବିଦ୍ୟୁତ ବିଲ୍ ପଡି ରହିଛି । ରାଜ୍ୟ ସରକାର ଓ ପ୍ରଶାସନର ପ୍ରଚ୍ଛନ୍ନ ଷଡଯନ୍ତ୍ରରେ ଏହି କମ୍ପାନୀମାନେ କୋର୍ଟରୁ ରହିତାଦେଶ ଆଣି ରାଜ୍ୟ ରାଜକୋଷକୁ ରୁଗ୍ଣ କରିଦେଇଛନ୍ତି । ରାଜ୍ୟର ୪ଟି ବିଦ୍ୟୁତ ବିତରଣ କଂପାନୀ ଉପରେ ୫୪୧.୧୧ କୋଟି ଟଙ୍କା ବକେୟା ରହିଛି । ବାହାର ରାଜ୍ୟକୁ ଓଡିଶା ସରକାର ଯେଉଁ ବିଜୁଳି ବିକୁଛନ୍ତି ତାହାର ହାରାହାରି ୟୁନିଟ ପିଛା ମୂଲ୍ୟ ୩ଟ ୨୧ପଇସା ରହିଛି । ମାତ୍ର ବାହାର ରାଜ୍ୟ ମାନଙ୍କରୁ ଯେଉଁ ବିଜୁଳି ରାଜ୍ୟ ସରକାର କିଣୁଛନ୍ତି ତାହାର ୟୁନିଟ ପିଛା ହାରାହାରି ମୂଲ୍ୟ ୩ଟ ୮୧ପଇସା ରହିଛି । କିଣାବିକାରେ ଏହି ତାରତମ୍ୟ କାରଣରୁ ରାଜ୍ୟର ରାଜକୋଷ ଦୁର୍ବଳ ହୋଇଛି । ରାଜ୍ୟର ୩୩୨ଟି କମ୍ପାନୀ ଉପରେ ଜଳକର ବାବଦରେ ୫୧୫କୋଟିରୁ ଅଧିକ ଟଙ୍କା ଦୀର୍ଘ ଦିନରୁ ପଡି ରହିଛି ମାତ୍ର ଏହାକୁ ଆଦାୟ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି । ରାଜ୍ୟ ସରକାରଙ୍କ ଉଦ୍ୟୋଗ ଓଏଚପିସିକୁ କମ ଦରରେ ବିଜୁଳି ଉତ୍ପାଦନ ପାଇଁ ୫୨୨୫କୋଟି ଟଙ୍କା ଜଳକର ଛାଡ କରାଯାଇଛି । ଏହା ପରେ ବି ବିଦ୍ୟୁତ୍ ନିୟାମକ ଆୟୋଗ ସାମ୍ନାରେ ଓଏଚପିସି ତରଫରୁ ବିଜୁଳି ଟାରିଫ୍ ରେ ବଡ ବୃଦ୍ଧି ପାଇଁ ଦାବି କରାଯିବା ଦୁର୍ଭାଗ୍ୟଜନକ ବୋଲି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ଗୋଲକ ମହାପାତ୍ର ଅଭିଯୋଗ କରିଛନ୍ତି । ଓଡିଶାରେ ଘରୋଇ ବିଦ୍ୟୁତ ଟାରିଫ ୟୁନିଟ୍ ପିଛା ପ୍ରଥମ ୫୦ୟୁନିଟ ପର୍ଯ୍ୟନ୍ତ ୨ଟ ୫୦ପଇସା ରହିଥିବା ବେଳେ ଦେଶର ସିକିମ, ଆନ୍ଧ୍ର, ତେଲେଙ୍ଗାନା, ଗୋଆ ଓ ଛତିଶଗଡରେ ଏହା ହାରାହାରି କମ୍ ରହିଛି । ଖାଉଟି ମାନଙ୍କର ବିଜୁଳି ଟାରିଫ୍ ଅପରିବର୍ତିତ ରଖିବା ସହ ରାଜ୍ୟର କୃଷକମାନଙ୍କୁ ଶାସକ ଦଳର ପ୍ରତିଶୃତି ଅନୁସାରେ ମାଗଣା ବିଜୁଳି ଯୋଗାଇ ଦିଅନ୍ତୁ ବୋଲି ଶ୍ରୀ ମହାପାତ୍ର ଦାବି କରିଛନ୍ତି । ଏହି ଅବସରରେ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଏବଂ ମୁଖ୍ୟପାତ୍ର ବିରଂଚି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଜନ୍ମବେଦିକୁ ବିଜେ କଲେ ଚତୁର୍ଦ୍ଧାମୂର୍ତି ଆସନ୍ତାକାଲିଠୁ ମିଳିବ ଆଡ଼ପ ଅଭଡ଼ା

ପୁରୀ, ୧୩।୭(ପି.ଏନ): ଗତକାଲି ଶ୍ରୀଗୁଣ୍ଡିଚା ଯାତ୍ରାରେ ଚତୁର୍ଦ୍ଧାମୂର୍ତି ରଥାରୁଢ଼ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପହଂଚିଥିଲେ । ସେବାୟତ ମାନେ ଆନନ୍ଦା ସହକାରେ ରଥ ଟାଣି ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟକୁ ଆଣିଥିଲେ । ରଥାରୁଢ଼ ଶ୍ରୀଜୀଉମାନେ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ନିକଟରେ ବିରାଜମାନ କରିଥିଲେ । ରଥ ଉପରେ ବିଭିନ୍ନ ନୀତି ଓ ପୂଜା ଅନୁଷ୍ଠିତ ହୋଇଥିଲା । ରଥ ଉପରେ କେବଳ ଶୁଖିଲା ଭୋଗ ଓ ଫଳମୂଳ ଅର୍ପଣ କରାଯାଇଥାଏ । ଆଜି ସଂନ୍ଧ୍ୟା ଧୂପ ପରେ ଗୋଟି ପହଣ୍ଡିରେ ଜନ୍ମବେଦିକୁ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତି । ଏଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶ୍ରୀଜୀଉମାନେ ଜନ୍ମବେଦିରେ ବିରାଜମାନ କରିବା ପରେ ସିଂହାସନରେ ସେବାୟତ ମାନଙ୍କ ଦ୍ୱାରା ରୁନ୍ଧା କାର୍ଯ୍ୟ ଅନୁଷ୍ଠିତ ହୋଇଛି । ଅନ୍ୟପକ୍ଷରେ ଆସନ୍ତା କାଲି ସକାଳ ଧୂପ ପରେ ଆଡ଼ପ ଅଭଡ଼ା ଭକ୍ତ ମାନେ ପାଇପାରିବେ । ଏଥିପାଇଁ ଗୁଣ୍ଡିଚା ମନ୍ଦିର ନିକଟ ବସଷ୍ଟାଣ୍ଡ ଠାରେ ସ୍ୱତନ୍ତ୍ର କାଉଂଟରର ବ୍ୟବସ୍ଥା ହୋଇଛି ।

### ବଢ଼ିବ ଯୁକ୍ତ ୨ ସିଟ୍ : ଅନୁମତି ଦେଲେ ରାଜ୍ୟ ସରକାର

ଭୁବନେଶ୍ୱର, ୧୩।୭(ପି.ଏନ): ବଢିବ ଜୁନିଅର କଲେଜରେ ଯୁକ୍ତ ଦୁଇ ସିଟ୍ । ସିଟ ବୃଦ୍ଧି ନେଇ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ଅନୁମତି ଦେଇଛନ୍ତି ରାଜ୍ୟ ସରକାର । ସରକାରଙ୍କ ନିୟମ ମୁତାବକ ଯେଉଁ କଲେଜ୍ ଚାହିଁବେ ସିଟ୍ ବୃଦ୍ଧି ପାଇଁ ୭ ଦିନ ମଧ୍ୟରେ ସାମ୍ସରେ ଅନ୍‌ଲାଇନ୍ ଜରିଆରେ ଆବେଦନ କରିପାରିବେ । ଉଲ୍ଲେଖ୍ୟଯୋଗ୍ୟ ଯେ ଚଳିତବର୍ଷ ଦଶମ ବୋର୍ଡରେ ରେକର୍ଡ ସଂଖ୍ୟକ ୫ ଲକ୍ଷ ୬୨ ହଜାର ୧୦ ଜଣ ଛାତ୍ରଛାତ୍ରୀ ପାସ ହୋଇଛନ୍ତି । ସେପଟେ ରାଜ୍ୟର ଯୁକ୍ତ ଦୁଇ ସିଟ୍ ସଂଖ୍ୟା ୪ ଲକ୍ଷ ୪୩ ହଜାର ୩୫୪ ରହିଛି । ଏଭଳି ସ୍ଥିତିରେ ଆଡମିଶନକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ବଳକା ଛାତ୍ରଛାତ୍ରୀ କିପରି ପାଠ ପଢିବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । କିନ୍ତୁ ଏହି ପ୍ରସଙ୍ଗରେ ଗଣଶିକ୍ଷାମନ୍ତ୍ରୀ ସମୀର ଦାସ କହିଥିଲେ ଯେ ପରବର୍ତୀ ସମୟରେ ସରକାର ଏନେଇ ନିଷ୍ପତି ନେବେ । ଆଜି ସରକାର ଯୁକ୍ତ ଦୁଇ କଲେଜରେ ସିଟ ବୃଦ୍ଧି ନେଇ ନିର୍ଦ୍ଦେଶ ଦେଇଛନ୍ତି ।

## ଗୋଟିଏ ଦିନରେ ୧୯୩୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୩।୭(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୯୩୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୪୩୬୭୫ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୧୫୪୦୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୨୩୪୯୨ରହିଛି । ଆଜି ଚିହ୍ନଟ ହୋଇଥିବା ୧୯୩୦ ଜଣଙ୍କ ମଧ୍ୟରୁ ୧୧୧୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୮୧୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୪୩୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୩୪ ଜଣ, ବରଗଡ଼ରୁ ୧୨ ଜଣ, ଭଦ୍ରକରୁ ୯୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୩, କଟକରୁ ୨୨୦, ଦେବଗଡ ଜିଲ୍ଲାରୁ ୮ ଜଣ, ଢେଙ୍କାନାଳ ଜିଲ୍ଲାରୁ ୬୨ ଜଣ, ଗଜପତି ଜିଲ୍ଲାରୁ ୪ , ଗଞ୍ଜାମରୁ ୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୭୫ ଜଣ, ଯାଜପୁରରୁ ୧୨୫ ଜଣ, ଝାରସୁଗୁଡ଼ାରୁ ୧୬ ଜଣ, କଳାହାଣ୍ଡିରୁ ୭ ଜଣ, କନ୍ଧମାଳ ଜିଲ୍ଲାରୁ ୨୭ ଜଣ. କେନ୍ଦ୍ରାପଡ଼ାରୁ ୧୨୩ ଜଣ, କେନ୍ଦୁଝରରୁ ୪୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୩୧ ଜଣ, କୋରାପୁଟରୁ ୧୪ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୨୮ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୯୮ ଜଣ, ନବରଙ୍ଗପୁରରୁ ୫ ଜଣ, ନୟାଗଡ଼ରୁ ୫୮ ଜଣ, ନୂଆପଡ଼ାରୁ ୦୨ ଜଣ, ପୁରୀରୁ ୨୭ ଜଣ, ରାୟଗଡ଼ାରୁ ୩୪ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୨୫ ଜଣ, ସୋନପୁରରୁ ୫ ଜଣ, ସୁନ୍ଦରଗଡ଼ରୁ ୯୪ ଜଣ ଓ ଷ୍ଟେଟ୍ ପୁଲରୁ ୭୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

### ରାଷ୍ଟ୍ରପତିଙ୍କୁ ଭେଟିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୩।୭(ପି.ଏନ):- କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଦିନ ରାଷ୍ଟ୍ରପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି । ନୂଆ ମନ୍ତ୍ରଣାଳୟ ପାଇବା ପରେ ପ୍ରଥମ ଥର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସାକ୍ଷାତ୍ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ତାଙ୍କ ସହ ଶିକ୍ଷା ମନ୍ତ୍ରଣାଳୟର ରାଷ୍ଟ୍ର ମନ୍ତ୍ରୀ ଭାବେ ନବନିଯୁକ୍ତ ଡା. ସୁବାଷ ସରକାର, ଅନ୍ନପୂର୍ଣ୍ଣା ଦେବୀ, ରାଜକୁମାର ରଞ୍ଜନ ସିଂହ ମଧ୍ୟ ରାଷ୍ଟ୍ରପତିଙ୍କୁ ଭେଟିଛନ୍ତି । ଶିକ୍ଷା ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ ରାଷ୍ଟ୍ରପତିଙ୍କ ନିରନ୍ତର ସମର୍ଥନ ଏବଂ ମାର୍ଗଦର୍ଶନ ଲୋଡ଼ିଥିଲେ ।

## ମୟୂରଭଞ୍ଜ : କରୋନା ନେଲା ୬ ଜୀବନ

ବାରିପଦା, ୧୩।୭(ପି.ଏନ): ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆଜି ଜାରି କରାଯାଇଥିବା ରିପୋର୍ଟ ଆଧାରରେ ମୟୂରଭଞ୍ଜ ଜିଲ୍ଲାରୁ ଚିକିତ୍ସାଧୀନ କୋଭିଡ଼-୧୯ ସଂକ୍ରମିତମାନଙ୍କ ମଧ୍ୟରୁ ୫ ପୁରୁଷ ଓ ୧ ମହିଳାଙ୍କୁ ମିଶାଇ ୬ ଜଣ ପ୍ରାଣ ହରାଇଥିବାର ଜଣାପଡ଼ିଛି । ଆଜକୁ ମିଶାଇ ଜିଲ୍ଲାରେ ମୃତ୍ୟୁ ସଂଖ୍ୟା ୦.୪୫ ପ୍ରତିଶତ ହାରରେ ୧୬୭ରେ ପହଁଚିଥିବା ବେଳେ କେବଳ ଚଳିତ ଜୁଲାଇ ମାସର ୧୩ ଦିନ ମଧ୍ୟରେ ୩୯ ଜଣଙ୍କର ମୃତ୍ୟୁ ହୋଇଥିବାର ସରକାରୀ ସୂତ୍ରରୁ ସୂଚନା ମିଳିଛି । ଏମାନଙ୍କୁ ବାଦ୍ ଦେଇ ଅନ୍ୟ କାରଣରୁ ୩ ଜଣଙ୍କର ମୃତ୍ୟୁ ହୋଇଛି । ଏହି ସମୟରେ ଗତ ଏପ୍ରିଲ ୨୦ ପରେ ଅର୍ଥାତ୍ ଦୀର୍ଘ ୮୨ ଦିନର ବ୍ୟବଧାନ ଅନ୍ତରରେ ପ୍ରଥମ ଥର ସଂକ୍ରମଣ ସଂଖ୍ୟା ଦୁଇ ଅଙ୍କ ତଳକୁ ଖସି ଆସିଛି । ଗତ ୨୪ ଘଂଟା ମଧ୍ୟରେ ଓଡ଼ିଶାରୁ ଚିହ୍ନଟ ହୋଇଥିବା ୧,୯୩୦ କରୋନା ସଂକ୍ରମିତମାନଙ୍କ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରୁ ୯୮ ପଜିଟିଭ ରହିଛନ୍ତି ଏବଂ ଜିଲ୍ଲାରେ ସଂକ୍ରମିତମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୩୭,୩୨୯ରେ ପହଁଚିଛି । ସେହିପରି ଜିଲ୍ଲାରେ ଚିକିତ୍ସାଧୀନ କରୋନା ସଂକ୍ରମିତମାନଙ୍କ ମଧ୍ୟରେ ମୃତ୍ୟୁ ସଂଖ୍ୟା ଥମିବାର ନାମ ଧରୁ ନାହିଁ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆଜି ଜାରି କରାଯାଇଥିବା ରିପୋର୍ଟ ଆଧାରରେ ମୟୂରଭଞ୍ଜ ଜିଲ୍ଲାରୁ ଚିକିତ୍ସାଧୀନ କୋଭିଡ଼-୧୯ ସଂକ୍ରମିତମାନଙ୍କ ମଧ୍ୟରୁ ୫ ପୁରୁଷ ଓ ୧ ମହିଳାଙ୍କୁ ମିଶାଇ ୬ ଜଣ ପ୍ରାଣ ହରାଇଥିବାର ଜଣାପଡ଼ିଛି । ଏଥି ସହିତ ଜୁଲାଇ ୧୨ ପର୍ଯ୍ୟନ୍ତ ଜିଲ୍ଲାରୁ ୯୬.୭୦ ପ୍ରତିଶତ ହାରରେ ୩୬,୦୦୪ ଜଣ ସୁସ୍ଥ ହୋଇ ଫେରିଥିବା ସମୟରେ ଜୁଲାଇ ୧୩ ଅପରାହ୍ନ ସୁଦ୍ଧା ୩.୦୯ ପ୍ରତିଶତ ହାରରେ ୧,୧୫୫ ଜଣ ସକ୍ରିୟ ଥାଇ ବାଙ୍କିଶୋଳ କୋଭିଡ଼ ହସପିଟାଲ, ପିଆରଏମ ମେଡ଼ିକାଲ ସ୍ଥିତ ସ୍ୱତନ୍ତ୍ର ୱାର୍ଡ଼, କୋଭିଡ଼ କେୟାର ସେଂଟର ଓ କଟକ-ଭୁବନେଶ୍ୱର ଆଦିରେ ଚିକିତ୍ସା ହେଉଛନ୍ତି ।

## ଦିଲ୍ଲୀ ରଥଯାତ୍ରାରେ ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଓ ଅଶ୍ୱିନୀ ସାମିଲ



ନୂଆଦିଲ୍ଲୀ, ୧୩।୭ : ନୂଆଦିଲ୍ଲୀର ହାଉଜଖାସ ଭିଲେଜସ୍ଥିତ ଜାତୀୟ ରାଜଧାନୀ କ୍ଷେତ୍ରର ମୁଖ୍ୟ ଜଗନ୍ନାଥ ମନ୍ଦିର ଠାରେ ୪୩ତମ ପବିତ୍ର ରଥଯାତ୍ରା ପର୍ବ ଭକ୍ତିପୂତ ପରିବେଶ ମଧ୍ୟରେ ପାଳନ କରାଯାଇଛି । ମନ୍ଦିର ପରିଚାଳନା ସଂସ୍ଥା ଶ୍ରୀ ନୀଳାଚଳ ସେବା ସଂଘ ତରଫରୁ କୋଭିଡ୍ କଟକଣାକୁ ସମ୍ପୂର୍ଣ୍ଣ ଭାବରେ ଅନୁସରଣ କରାଯାଇ ସମାରୋହକୁ ସାଂକେତିକ ସ୍ତରରେ ରଖାଯାଇଥିଲା । ମନ୍ଦିରରେ ବଡ଼ି ଭୋରରୁ ଯଥାରୀତି ଠାକୁରଙ୍କର ପୂଜାର୍ଚ୍ଚନା ଓ ରୀତିନୀତି କରାଯାଇ ସକାଳ ୧୧ଟାରେ ପହଣ୍ଡି ବିଜେ ଆରମ୍ଭ କରାଯାଇଥିଲା । ପ୍ରଥମେ ପ୍ରଭୁ ସୁଦର୍ଶନ, ତା'ପରେ ବଡ଼ଭାଇ ବଳଭଦ୍ର, ପରେ ପରେ ଦେବୀ ଶୁଭଦ୍ରା ଓ ସବା ଶେଷରେ ଜଗତରନାଥ ଶ୍ରୀଜଗନ୍ନାଥଙ୍କୁ ସୀମିତ ସେବାୟତ ଓ ସଂଗଠକଙ୍କ ଦ୍ୱାରା ସୁନ୍ଦର, ସୁଶୋଭିତ ଓ ରଙ୍ଗବେରଙ୍ଗ କପଡ଼ାରେ ସଜ୍ଜିତ ରଥ ଉପରକୁ ନିଆଯାଇଥିଲା । ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଶଙ୍ଖ, ଘଣ୍ଟ, କରତାଳ, ମର୍ଦ୍ଦଳ, ଝାଂ ଓ ମୃଦଙ୍ଗର ଗହଗହ ନାଦ ତଥା ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନୀର ଦୃଶ୍ୟ ବେଶ୍ ମନୋରମ ଓ ମର୍ମସ୍ପର୍ଶୀ ଥିଲା । ଶ୍ରୀନୀଳାଚଳ ସେବା ସଂଘର ସମ୍ପାଦକ ତଥା ସମାଜସେବୀ ରବୀନ୍ଦ୍ର ନାଥ ପ୍ରଧାନ ପାରମ୍ପରିକ ଢଙ୍ଗରେ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହା ପରେ ମନ୍ଦିର ସମ୍ମୁଖସ୍ଥ ବଡ଼ଦାଣ୍ଡରେ ରଥଟିକୁ ୫୦୦ମିଟର ପର୍ଯ୍ୟ' ଟଣାଯାଇ ପୁଣି ମନ୍ଦିର ବେଢ଼ାକୁ ଫେରାଇ ଅଣାଯାଇଥିଲା । ଚାରି ଠାକୁର ଏହା ପରେ ରଥ ଉପରେ ବିରାଜମାନ ରହି ସର୍ବସାଧାରଣଙ୍କୁ ଦର୍ଶନ ଦେଇଥିଲେ । ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରାତି ସାଢ଼େ ୯ଟା ବେଳେ ପୁଣି ରୋଷଣୀ କରି ମନ୍ଦିରର ବେସ୍‌ମେଣ୍ଟରେ ଥିବା ମାଉସୀ ମା' ମନ୍ଦିରକୁ ନିଆଯାଇ ସେଠାରେ ରଖାଯାଇଥିଲା ।ରଥ ଉତ୍ସବରେ ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତ ଥିଲେ । ଶ୍ରୀ ପ୍ରଧାନଙ୍କର ପରିବାରବର୍ଗ ମଧ୍ୟ ତାଙ୍କ ସହିତ ରଥ ଉପରେ ଦିଅଁମାନଙ୍କର ଦର୍ଶନ କରିଥିଲେ । ରଥଯାତ୍ରାର ଆୟୋଜନ ଓ ଏହାକୁ ସୁପରିଚାଳନା କରିବାରେ ଅଭୟ ପ୍ରଧାନ, ଅଶୋକ ପ୍ରଧାନ, କ୍ଷୀରୋଦ ପାତ୍ର, ଗଜେନ୍ଦ୍ର ପ୍ରସାଦ ସାମ', ଅଭିରାମ ସୂତାର, ଜିତେନ୍ଦ୍ର ମହାପାତ୍ର, ଅଜୟ ପ୍ରଧାନ, ଦୀପକ ରଥ, ପଙ୍କଜ ମହାଁ, ନିଶିଧ କୁମାର ଦାଶ, ଶରତ କୁମାର ଦେହୁରୀ, ରଙ୍କନିଧି ସାହୁ ଓ ବିଜୟ ସାହୁ ପ୍ରମୁଖ ସକ୍ରୀୟ ଭୂମିକା ନିର୍ବାହ କରିଥିଲେ ।

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

## ଜିଲ୍ଲାର ୨୮ ସ୍କୁଲରେ ହେବ ସ୍ମାର୍ଟ କ୍ଲାସ୍‌ରୁମ୍ , ଉପକୃତ ହେବେ ୧୧ ହଜାର ଛାତ୍ରଛାତ୍ରୀ

କେନ୍ଦ୍ରାପଡ଼ା, ୧୩।୭(ପି.ଏନ): କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକରେ ଥିବା ୨୮ଟି ସ୍କୁଲରେ ସ୍ମାର୍ଟ କ୍ଲାସ୍‌ରୁମ୍ ସ୍ଥାପନ କରାଯିବ । ଏହାଦ୍ୱାରା ପ୍ରାୟ ୧୧ ହଜାର ଛାତ୍ରଛାତ୍ରୀ ଇ-ପାଠପଢା ଡିଜିଟାଲ ସିଷ୍ଟମରେ ଲାଭ କରିବେ । ପାରମ୍ପରିକ ବ୍ଲାକବୋର୍ଡ ଧଳା ଚକଖଡି ବଦଳରେ ହ୍ୱାଇଟ୍ ବୋର୍ଡ ଓ ବ୍ଲାକ ଚକଖଡି ବ୍ୟବହାର କରାଯାଇ ଶିକ୍ଷାଦାନ କରାଯିବ । ଡିଜିଟାଲ ସିଷ୍ଟମରେ ଶିକ୍ଷା ପ୍ରଦାନ ପାଇଁ ଜିଲ୍ଲାର ୨୮ଟି ସ୍କୁଲର ୫୬ଟି ପ୍ରାରମ୍ଭିକ କ୍ଲାସରୁମ୍ କୁ ଇ-କ୍ଲାସରୁମ୍ ରେ ପରିବର୍ତନ କରାଯିବ । ଜୁଲାଇ ଚଳିତ ମାସ ଶେଷ ସୁଦ୍ଧା ଇ-କ୍ଲାସ୍‌ରୁମ୍ ସ୍ଥାପନ କରାଯିବା ପରେ ପରବର୍ତୀ ପର୍ଯ୍ୟାୟରେ ସମିଳିତ ଶ୍ରେଣୀକକ୍ଷ ପରିଚାଳନା କରାଯିବ । ଭିଡିଓ କନଫରେନ୍ସ ମାଧ୍ୟମରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ, ଜିଲ୍ଲା ଶିକ୍ଷାଧିକାରୀ, ୨୮ଟି ସ୍କୁଲର ପ୍ରଧାନ ଶିକ୍ଷକ, ୯ଟି ବ୍ଲକର ବିଡିଓ ଙ୍କ ସହିତ ଆଲୋଚନା କରିଥିଲେ । ସମିଳିତ ଶ୍ରେଣୀ କକ୍ଷ ପରିଚାଳନା ପାଇଁ ଏହି ୨୮ଟି ବିଦ୍ୟାଳୟରେ ୨ କୋଠରୀ ବୀଶିଷ୍ଟ ୨ ମହଲା ଶ୍ରେଣୀ କକ୍ଷ ନିର୍ମାଣ କରାଯିବ । ତଳ ମହଲାରେ ଡିଜିଟାଲ ମାଧ୍ୟମରେ ଶିକ୍ଷାଦାନ କରାଯିବା ବେଳେ ଉପର ମହଲାରେ ଇ-ଲାଇବ୍ରେରୀ ଓ ଇ-ଲାବ୍ରୋଟାରି ସ୍ଥାପନ କରାଯିବ । ଏହି କାର୍ଯ୍ୟ ଅଗଷ୍ଟ ମାସ ୩୧ ସୁଦ୍ଧା ସମାପ୍ତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଆଜିର ବୈଠକରେ ଜିଲ୍ଲାପାଳଙ୍କ ସମେତ ପିଡି ଡିଆରଡିଏ ଦିଲିପ କୁମାର ପରିଡା, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା ଶୀକ୍ଷାଧିକାରୀ ସଂଜୀବ କୁମାର ସିଂହ, ଜିଲ୍ଲା ବିଜ୍ଞାନ ପରିଚାଳକ ତଥା ବିଦ୍ୟାଳୟ ସଂଯୋଜକ ପୀତବାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି ବିଦ୍ୟାଳୟ ମଧ୍ୟରୁ ଆଳି ଓ ରାଜକନିକା-୫, ଡେରାବିଶ-୪, ପାଟକୁରା-୪, କେନ୍ଦ୍ରାପଡା-୪, ମହାକାଳପଡା-୨, ମାର୍ଶାଘାଇ-ପଟ୍ଟାମୁଣ୍ଡାଇ-ରାଜନଗର ରେ ୩ଟି ଲେଖାଏଁ ସ୍କୁଲକୁ ନିଆଯାଇ ମୋଟ୍ ୨୮ ସ୍କୁଲରେ ପ୍ରାଥମିକ ପର୍ଯ୍ୟାୟରେ ୫୬ଟି ଇ-କ୍ଲାସରୁମ୍ ପରିଚାଳନା କରାଯିବ ବୋଲି ସୂଚନା ମିଳିଛି ।










# ଟି ଟାଇମ୍


# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି




ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

# ପୁରାଣ କାହାଣୀ

# ଅଂହକାରରୂପୀ ସାପ





ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୂରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁତ୍ଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍‌ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।

# ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଧ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବ ଜନଜାତିଙ୍କୁ ନ୍ତର୍ଫି ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲ ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ଜଷ୍ଟିସ ବୋବଡେଙ୍କ ବକ୍ତବ୍ୟ ଏବଂ ଆମ୍ବେଦକର ଓ ସଂସ୍କୃତ ଭାଷା ଉପରେ ବିତର୍କ

**••••••••••• ଡ. ସମନ୍ୱୟ ନନ୍ଦ •••••••••••**

ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଶରତ ବୋବଡେ ଡ. ଆମ୍ବେଦକରଙ୍କ ଜୟନ୍ତୀ ଦିନ ଏକ କାର୍ଯ୍ୟକ୍ରମରେ ଯୋଗଦେଇ



କହିଥିଲେ ଯେ ଭାରତରତ୍ନ ଡ. ଆମ୍ବେଦକର ଚାହୁଁଥିଲେ ଯେ ସଂସ୍କୃତ ଦେଶର ରାଜଭାଷା ହେଉ । ଏହାକୁ ନେଇ ସେ ଅନେକ ପ୍ରୟାସ କରିଥିଲେ । ହେଲେ ତାଙ୍କର ପ୍ରୟାସ ସଫଳ ହୋଇ ପାରି ନ ଥିଲା । ସେ ନାଗପୁର ସ୍ଥିତ ମହାରାଷ୍ଟ୍ର ଲ ୟୁନିଭର୍ସିଟିର ଏକାଡେମିକ ବିଲ୍ଡିଂର ଉଦ୍‌ଘାଟନ ଅବସରରେ ଉଦ୍‌ବୋଧନ ଅବସରରେ ସେ ଏହା କହିଛନ୍ତି ।

ନ୍ୟାୟମୂର୍ତ୍ତି ବୋବଡେ ଯାହା କହିଛନ୍ତି ତାହା ଅକ୍ଷରେ ଅକ୍ଷରେ ସତ୍ୟ । ହେଲେ ତାଙ୍କର ଏହି ବକ୍ତବ୍ୟ ପରେ ପୁଣି ଥରେ ସଂସ୍କୃତ ବିରୋଧୀ ତଥା ଭାରତ ବିରୋଧୀ ଲବି ସକ୍ରିୟ ହୋଇଯାଇଛି ଓ ଏହାକୁ ଭୁଲ ବୋଲି ପ୍ରମାଣିତ କରିବାକୁ ଯାଇ ବିଭିନ୍ନ ପ୍ରକାର ଅପପ୍ରଚାର ଆରମ୍ଭ କରି ଦେଲେଣି ।

ଏହି ଆଲେଖ୍ୟରେ ଆମେ ବାବା ସାହେବ ସଂସ୍କୃତକୁ କେତେ ଭଲ ପାଇଥିଲେ ତା' ଉପରେ ଆଲୋଚନା କରିବା। ଆମ୍ବେଦକରଙ୍କର ସଂସ୍କୃତ ଭାଷା ପ୍ରତି ଗଭୀର ପ୍ରେମ ଥିଲା । କିନ୍ତୁ ସେ ତଥାକଥିତ ଅସ୍ପୃଶ୍ୟ ବର୍ଗରେ ଜନ୍ମ ନେଇଥିବା କାରଣରୁ ତାଙ୍କୁ ସଂସ୍କୃତ ପଢିବାକୁ ଦିଆଯାଇ ନ ଥିଲା। ସଂସ୍କୃତରେ ପାରଙ୍ଗମ ହେବାକୁ ତାଙ୍କର ପ୍ରବଳ ଇଚ୍ଛା ଥିଲା। ପରବର୍ତ୍ତୀ ସମୟରେ ସେ ନିଜ ଚେଷ୍ଟାରେ ସଂସ୍କୃତ ଶିଖିଥିଲେ। ସଂସ୍କୃତର ଅପାର ଜ୍ଞାନ ଭଣ୍ଡାର ଓ ଉତ୍କୃଷ୍ଟ ସାହିତ୍ୟ ସମ୍ପର୍କରେ ତାଙ୍କର ଭଲ ଜ୍ଞାନ ଥିଲା ।

ଡ. ଆମ୍ବେଦକରଙ୍କର ସଂସ୍କୃତ ଶିଖିବା ଇଚ୍ଛା ସମ୍ପର୍କରେ ତାଙ୍କର ଜୀବନୀ ଲେଖକ ଧନଂଜୟ କୀର ଉଲ୍ଲେଖ କରିଛନ୍ତି। ସେ



ଲେଖିଛନ୍ତି-ବାବାସାହେବ ଅନେକ ଥର କହୁଥିଲେ ଯେ ସଂସ୍କୃତ ଭାଷାର ଅଭିମାନ ଥିବା କାରଣରୁ ତାଙ୍କୁ ସଂସ୍କୃତ ଭାଷା ଭଲ ଭାବେ ଆସିବା ଦରକାର, ଏହି ଅଭିଳାଷ ତାଙ୍କର ରହିଥିଲା । ତେବେ ଦେଖିବାକୁ ପଡିବ ଏହି ସୁଦିନ କେବେ ଆସିବ! **(ଡ. ବାବାସାହେବ ଆମ୍ବେଦକର, ପୃଷ୍ଠା-୨୨ ପରିଶିଷ୍ଟ ୧)**

ଖୁବ କମ୍ ଲୋକଙ୍କୁ ଜଣା ଯେ ସମ୍ବିଧାନ ସମିତିରେ ଜାତୀୟ ଭାଷା ଓ ରାଜ୍ୟ ବ୍ୟବହାର ପାଇଁ ଅଧିକୃତ ଭାଷା ସହିତ ସମ୍ପର୍କିତ ଅନୁଚ୍ଛେଦରୁ ସଂସ୍କୃତକୁ ଜାତୀୟ ଓ ରାଜ୍ୟ ବ୍ୟବହାରର ଭାଷା ଭାବେ ରଖିବା ପାଇଁ ସୁପାରିଶ କରାଯାଇଥିଲା। ଯେଉଁମାନେ ଏଭଳି ସୁପାରିଶ କରିଥିଲେ ସେମାନଙ୍କ ମଧ୍ୟରେ ଲକ୍ଷ୍ମୀକାନ୍ତ ମୈତ୍ର, ଟି.ଟି. କୃଷ୍ଣମାଚାରୀ, ଡା. ବାଳକୃଷ୍ଣ କେସକର (ତତ୍କାଳୀନ ବୈଦେଶିକ ଉପମନ୍ତ୍ରୀ), ପ୍ରୋଫେସର ନଜିରୁଦ୍ଦିନ ଅହମଦ, ଡ. ଆମ୍ବେଦକର ତଥା ମାଡ୍ରାସ, ତ୍ରିପୁରା-ମଣିପୁର-କୁର୍ଗ ପ୍ରାନ୍ତର ସଦସ୍ୟମାନେ ଥିଲେ।

ଯେତେବେଳେ ଏ ସମ୍ପର୍କରେ ସାମ୍ବାଦିକ ମାନେ ଡ. ଆମ୍ବେଦକରଙ୍କୁ ପଚାରିଥିଲେ ସେତେବେଳେ ସେ କହିଥିଲେ – ସଂସ୍କୃତରେ କ'ଣ ଦୋଷ ରହିଛି ? ପ୍ରୋ. ନଜିରୁଦ୍ଦିନ କହିଥିଲେ ଯେ-ଡବଲ୍ୟୁ ସି.ଟେଲର, ମ୍ୟାକ୍ସମୁଲର, ଉଇଲିୟମ ଜୋନ୍ସଙ୍କ ପରି ପାଶ୍ଚାତ୍ୟ ବିଦ୍ୱାନମାନଙ୍କୁ ଉଦ୍ଧୃତ କରି ସଂସ୍କୃତ ଭାଷାର ଅତୁଳନୀୟ ସମୃଦ୍ଧି ଓ ଶୁଦ୍ଧତା ସମ୍ପର୍କରେ କହି ଏହା ଲାଟିନ ଓ ଗ୍ରୀକ୍ ଭାଷା ଠାରୁ କେତେ ଶ୍ରେଷ୍ଠ, ତା'ର ପ୍ରମାଣ ଦେଇଥିଲେ।

ଏହି ଅବସରରେ ଲକ୍ଷ୍ମୀକାନ୍ତ ମୈତ୍ର ଏହି ସଂଶୋଧନକୁ ଜୋରଦାର ସମର୍ଥନ କରି ଆଉ ଏକ ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ ହିନ୍ଦୀ ଭଳି କୌଣସି ବିଶିଷ୍ଟ ରାଜ୍ୟର ଭାଷାକୁ ଜାତୀୟ ଭାଷାର ମାନ୍ୟତା ପ୍ରଦାନ କଲେ ଅନ୍ୟ ରାଜ୍ୟମାନଙ୍କ ମଧ୍ୟରେ ଯେଉଁ ସନ୍ଦେହ ଓ କଟୁତା ତିଆରି ହେବାର ଆଶଙ୍କା ରହିଛି, ସଂସ୍କୃତକୁ ଏହା ସ୍ଥାନରେ ରଖିଲେ ଉକ୍ତ ସନ୍ଦେହ ଓ କଟୁତାକୁ ଦୂର କରାଯାଇ ପାରିବ। ସଂସ୍କୃତକୁ ତା'ର ଉପଯୁକ୍ତ ମାନ୍ୟତା ଦେଇ ଆମେ ବିଶ୍ୱକୁ ଜଣାଇ ଦେଇପାରିବା ଯେ ଆମେ ଆମର ଅତୀତର ବୈଭବକୁ କେତେ ଆଦର ଓ ସମ୍ମାନ



କରୁଛୁ ଏବଂ ସମଗ୍ର ବିଶ୍ୱକୁ ଆମର ପ୍ରାଚୀନ ସଂସ୍କୃତିର ଆଧ୍ୟାତ୍ମିକ ବାର୍ତ୍ତା ପ୍ରଦାନ ପାଇଁ ଇଚ୍ଛା କରୁଛୁ । ସଂସ୍କୃତକୁ ସ୍ୱୀକାର କରି ଆମେ ଭାବୀ ପୀଢୀର ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରି ପାରିବା ।

ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଡ. ଆମ୍ବେଦକରଙ୍କ ଦ୍ୱାରା ସଂସ୍କୃତ ଭାଷା ସମ୍ପର୍କରେ ଅଣାଯାଇଥିବା ସଂଶୋଧନ ପ୍ରସ୍ତାବକୁ ସ୍ୱୀକାର କରାଯାଇ ନ ଥିଲା। ସଂସ୍କୃତ ଭାଷାକୁ କେବଳ ଅଷ୍ଟମ ଅନୁସୂଚୀରେ ଏକ ଭାରତୀୟ ଭାଷାର ମାନ୍ୟତା ଦିଆଯାଇଥିଲା।

ଡ. ଆମ୍ବେଦକରଙ୍କର ଇଚ୍ଛା ଥିଲା ଯେ ସଂସ୍କୃତକୁ ରାଷ୍ଟ୍ରଭାଷା କରିବା ବିଷୟରେ ୧୦ ଡିସେମ୍ବର ୧୯୪୯ରେ ତାଙ୍କର ସଂଗଠନ ଶେଡକାରୀ କାମଗାର ସଙ୍ଗଠନର କାର୍ଯ୍ୟକାରୀ ମଣ୍ଡଳରେ ଏକ ପ୍ରସ୍ତାବ ଗୃହୀତ କରାଯାଉ। କିନ୍ତୁ ସେତେବେଳେ ବି.ପି. ମୌର୍ଯ୍ୟଙ୍କ ପରି ଯୁବ ସଦସ୍ୟମାନଙ୍କର ବିରୋଧ କାରଣରୁ ଏହା ସମ୍ଭବ ହୋଇପାରି ନ ଥିଲା। ଏହି ଘଟଣାର ଦୀର୍ଘଦିନ ପରେ ବି.ପି. ମୌର୍ଯ୍ୟ ଦୁଃଖ ପ୍ରକଟ କରି କହିଥିଲେ ଯେ ସେତେବେଳେ ସେ ଡ. ଆମ୍ବେଦକରଙ୍କର ସଂସ୍କୃତ ଭାଷା ସମ୍ପର୍କିତ ପ୍ରସ୍ତାବର ବିନା କୌଣସି କାରଣରେ ବିରୋଧ କରିଥିଲେ।

ଡ. ଆମ୍ବେଦକରଙ୍କ ସ୍ପଷ୍ଟ ମତ ଥିଲା ଯେ ସଂସ୍କୃତକୁ ରାଜଭାଷା କଲେ ଦେଶର କୌଣସି ଭାଷାଭାଷୀ ଲୋକମାନେ ଏହାକୁ ବିରୋଧ କରିବେ ନାହିଁ ତଥା ଏହା ଦେଶକୁ ଏକ କରିବାରେ ସଫଳ ହେବ । ତେବେ ଏହା ଭିନ୍ନ ବିଷୟ ଯେ ତାଙ୍କର ଏହି ପ୍ରୟାସ ସଫଳ ହୋଇ ପାରି ନ ଥିଲା ।

ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ବୋବଡେ ପୁଣି ଥରେ ଆମ୍ବେଦକର ଜୟନ୍ତୀ ଅବସରରେ ତାଙ୍କର ସଂସ୍କୃତ ଭାଷାକୁ ସେ କିପରି ରାଜଭାଷା କରିବାକୁ ଚାହୁଁଥିଲେ ସେହି ପ୍ରସଙ୍ଗକୁ ଉଠାଇ ଏକ ଭଲ କାମ କରିଛନ୍ତି । ଏହାଦ୍ୱାରା ଯଦିଓ ନିଜକୁ ଲିବେରେଲା-ସେକୁଲାର କହୁଥିବା ଲୋକମାନେ ତାଙ୍କୁ ଭୁଲ କହୁଥିବା ଅଭିଯୋଗ କରୁଛନ୍ତି ତଥାପି ସେ ସଂସ୍କୃତ ଭାଷାର କେତେ ମହତ୍ୱ ରହିଛି ଓ ଆମ୍ବେଦକର ଏହାକୁ କିପରି ବୁଝିଥିଲେ ଏହାକୁ ନେଇ ବିତର୍କ ପୁଣି ଥରେ ଆରମ୍ଭ ହୋଇପାରିଛି। ପୁଣି ଥରେ ଲୋକମାନେ ଆମ୍ବେଦକରଙ୍କ ଭାଷଣ, ତାଙ୍କର ଲେଖା ପଢିବା ଆରମ୍ଭ କଲେଣି । ଏହି ବିତର୍କକୁ ପୁଣି ଥରେ ଆରମ୍ଭ କରାଇଥିବାରୁ ମୁଖ୍ୟ ନ୍ୟାୟାଧୀଶ ବୋବଡେଙ୍କୁ ଧନ୍ୟବାଦ ଦେବାକୁ ପଡିବ ।


# ଲିଭର, ବିଦେଶୀ ଷ୍ଟ୍ରେନ୍, ସେରୋ ସର୍ଭେ ଓ ଅକ୍ସିଜେନର ଆବଶ୍ୟକତା

**••••••• ପ୍ରଫେସର ଡାକ୍ତର ଉମେଶଚନ୍ଦ୍ର ପାତ୍ର •••••••**



ପ୍ରତିବର୍ଷ ଅପ୍ରେଲ ୧୯ ତାରିଖରେ ଲିଭର ସଚେତନତା ଦିବସ ପାଳନ କରାଯାଏ। ଆସନ୍ତୁ ସର୍ବପ୍ରଥମେ ଜାଣିବା ଯେ ଆମ ଶରୀରରେ ଲିଭରର ଅବସ୍ଥିତି କ'ଣ ? ଏହି ଲିଭରର ଲମ୍ବା ୨୦ସେ.ମି., ଓସାର ୧୬ ସେ.ମି. ଓ ଉଚ୍ଚତା ପ୍ରାୟ ୧୨ ସେ.ମି., ଓଜନ ପ୍ରାୟ ଦେଢ଼ରୁ ଦୁଇ କି.ଗ୍ରା। କଳିଜା ହେଉଛି ଶରୀରର ଏକ ରାସାୟନିକ ବିଜ୍ଞାନାଗାର। ଏକ ସମୟରେ ଏହା ବହୁତ ପ୍ରକାରର ରାସାୟନିକ କାର୍ଯ୍ୟ କରିଥାଏ। ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ (ଲୋହିତ ରକ୍ତ କଣିକା ମଧ୍ୟରେ ଥିବା ଲୌହ ଓ ପୁଷ୍ଟିସାର ଅଂଶ) ବାହାର କରି ତାକୁ ଭାଙ୍ଗି ପୁଣି ନୂଆ ହିମୋଗ୍ଲୋବିନ ହେବା ପାଇଁ ଉପାଦାନ ସୃଷ୍ଟି କରିଥାଏ। ରକ୍ତ ଜମାଟ ବାନ୍ଧିବା ପାଇଁ ଯେଉଁ ଉପାଦାନର ଆବଶ୍ୟକତା ରହିଛି ଯଥା ପ୍ରୋଥ୍ରୋମ୍ବିନ ଓ ଫିବ୍ରିନୋଜେନ୍ ତାହା ଯକୃତରେ ହିଁ ତିଆରି ହୁଏ। ପିତ୍ତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଖାଦ୍ୟ ପାକସ୍ଥଳୀରୁ ଗ୍ରହଣୀ ମଧ୍ୟକୁ ପ୍ରବେଶ କରିବା ସମୟରେ ପିତ୍ତନଳୀ ଭିତରୁ ପିତ୍ତ ଆସି ଖାଦ୍ୟ ସହିତ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ। ରକ୍ତରେ ଗ୍ଲୁକୋଜର ପରିମାଣ ଅଧିକ ହେଲେ ଯକୃତ ଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଞ୍ଚୟ କରି ରଖେ। ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜର ପରିମାଣ କମିଗଲେ ଯକୃତ ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ। ଦେଶରେ କରୋନା ସଂକ୍ରମଣ ବଢ଼ାଇବାର କାରଣ ପଛରେ ରହିଛି କରୋନା ଭାଇରସର ନୂଆ ରୂପ 'ଡବଲ ମ୍ୟୁଟେଣ୍ଟ'। ଏହି ମ୍ୟୁଟେଣ୍ଟ ହିଁ ଭାରତରେ ସୃଷ୍ଟି ହୋଇଛି। ବ୍ରିଟେନ୍, ଦକ୍ଷିଣ ଆଫ୍ରିକା ଓ ବ୍ରାଜିଲ ଷ୍ଟ୍ରେନ ଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ ଓ ଅଧିକ ଘାତକ। ପୁନେସ୍ଥିତ ନ୍ୟାସନାଲ ଭାଇରୋଲୋଜି ସେଣ୍ଟର ପକ୍ଷରୁ ମହାରାଷ୍ଟ୍ରରୁ ସଂଗୃହୀତ ୩୬୧ ନମୁନା ପରୀକ୍ଷାରୁ ଏହି ଷ୍ଟ୍ରେନ୍ ବିଷୟରେ ଜାଣିବାକୁ ପାଇଥିଲା। ସେହି ନମୁନାରୁ ୬୧ ପ୍ରତିଶତ ଅର୍ଥାତ୍ ୨୨୦ଟିରେ ଡବଲ ମ୍ୟୁଟେଣ୍ଟ ଷ୍ଟ୍ରେନ୍ ମିଳିଥିଲା। ଯାହାକୁ ବିଶେଷଜ୍ଞମାନେ ବି.୧.୬୧୭ ନାମରେ ନାମିତ କରିଛନ୍ତି। ଏହି ଭାରିଆଣ୍ଟରେ ଦୁଇଟି ମ୍ୟୁଟେଣ୍ଟ ଇ୪୮୪କ୍ୟୁ ଏବଂ ଏଲ୍‌୪୫୨ଆର ରହିଛି। ଭାଇରସ୍ ଅଧିକ ସମୟ ଧରି ତିଷ୍ଠି ରହିବା ଲାଗି ନିଜର ଜେନେଟିକ ସଂରଚନାକୁ ବାରମ୍ବାର ବଦଳାଉଛି। ଯାହାଫଳରେ ଏହାକୁ ନିପାତ କରିବା କଷ୍ଟକର ହୋଇପଡ଼ିବ। ଦୁଇ ପ୍ରକାର ମ୍ୟୁଟେସନ ଯୋଗୁଁ ଏହି ଭାଇରସ୍ ପୂର୍ବରୁ ସମସ୍ତ ଷ୍ଟ୍ରେନ୍ ଅପେକ୍ଷା ଅଧିକ ବିପଜ୍ଜନକ ତଥା ଘାତକ ବୋଲି କୁହାଯାଉଛି। ସେଥିପାଇଁ ଟିକା ନେଇଥିବା ବ୍ୟକ୍ତି ଏବଂ ପୂର୍ବରୁ ସଂକ୍ରମିତ ହୋଇଥିବା ବ୍ୟକ୍ତିଙ୍କୁ ମଧ୍ୟ ଏହି ଡବଲ ମ୍ୟୁଟେଣ୍ଟ ସଂକ୍ରମିତ କରୁଛି। ଯାହାକି ବଡ଼ ଚିନ୍ତାର ବିଷୟ ପାଲଟିଛି।

ଭାରତରେ ପରୀକ୍ଷା କରାଯାଇଥିବା ମୋଟ ୧୩,୬୧୪ କରୋନା ଭାଇରସ୍ (କୋଭିଡ୍-୧୯) ନମୁନାରୁ ୧,୧୮୯ଟି ବିଦେଶୀ ଷ୍ଟ୍ରେନ୍ (ରୂପାନ୍ତର) ଚିହ୍ନଟ କରାଯାଇଛି। ସେଥିରୁ ୧୧୦୯ଟି ନମୁନାରେ ବ୍ରିଟେନ ଭାରିଆଣ୍ଟ ରହିଥିଲାବେଳେ ୭୯ଟିରେ ଦକ୍ଷିଣ ଆଫ୍ରିକା ସ ଗୋଟିକରେ ବ୍ରାଜିଲ ଭାରିଆଣ୍ଟ ମିଳିଛି। ଇଣ୍ଡିଆନ ଜେନୋମିକ କନ୍‌ସୋର୍ଟିୟମ ଫର କୋଭିଡ଼-୧୯ ପକ୍ଷରୁ ଏହି ପରୀକ୍ଷା କରାଯାଇଥିଲା। ଜେନମ ସିକ୍ୟୁଏନ୍ସ




ସଂକ୍ରାନ୍ତ ତଥ୍ୟ ୨୦୨୧ ମାର୍ଚ୍ଚ ୨୬ ତାରିଖ ଠାରୁ ରାଜ୍ୟ ମାନଙ୍କୁ ନିୟମିତ ଭାବେ ସେୟାର କରାଯାଇ ଆସୁଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବିଭିନ୍ନ ପ୍ରକାର ମ୍ୟୁଟେସନକୁ ଯେଭଳି ଠାବ କରାଯାଇପାରିବ ସେଥିପାଇଁ ବିଦେଶରୁ ଫେରିଥିବା ବ୍ୟକ୍ତି ଓ ସର୍ବାଧିକ ପଜିଟିଭ ଚିହ୍ନଟ ଅଞ୍ଚଳର ଲୋକଙ୍କ ଆରଟି-ପିସିଆର ଟେଷ୍ଟ କରାଯାଉଛି। କୋଭିଡ୍-୧୯ ଲଗାତାର ଭାବେ ତାର ରୂପ ବଦଳାଉଛି ଏବଂ ବିଭିନ୍ନ ଦେଶରେ ବିଭିନ୍ନ ପ୍ରକାରର ରୂପ ଦେଖିବାକୁ ମିଳିଛି। ବ୍ରିଟେନ ଓ ବ୍ରାଜିଲରେ କରୋନାର ୧୭ ଲେଖାଏ ମ୍ୟୁଟେସନ ଦେଖିବାକୁ ମିଳିଥିଲାବେଳେ ଦକ୍ଷିଣ ଆଫ୍ରିକାରେ ୧୨ ମ୍ୟୁଟେସନ ଦେଖାଯାଇଛି। କରୋନାର ଏହି ଭାରିଆଣ୍ଟ ଅଧିକ ସଂକ୍ରମଣ କରୁଛି। ବ୍ରିଟେନରେ ଦେଖାଯାଇଥିବା ଭାରିଆଣ୍ଟ ବ୍ରିଟେନ ସମେତ ୟୁରୋପ, ଏସିଆ ଓ ଆମେରିକାରେ କାୟା ମେଲାଇ ସାରିଲାଣି। ଡବଲ ମ୍ୟୁଟେସନ ଅନ୍ୟ ଏକ ଭାରିଆଣ୍ଟ ଯାହାକି ଅଷ୍ଟ୍ରେଲିଆ, ବେଲଜିୟମ, ଜର୍ମାନୀ, ଆୟରଲ୍ୟାଣ୍ଡ, ନାମ୍ବିଆ, ନ୍ୟୁଜିଲାଣ୍ଡ, ସିଙ୍ଗାପୁର, ବ୍ରିଟେନ ଓ ଆମେରିକା ଭଳି ଅନେକ ଦେଶରେ ଦେଖିବାକୁ ମିଳିଛି। ତେବେ ଏହି ଭାରିଆଣ୍ଟ ଅଧିକ ସଂକ୍ରମଣ କରୁଥିବାର ପ୍ରମାଣ ମିଳିନାହିଁ। ବିଭିନ୍ନ ଦେଶରେ ନୂଆ ଷ୍ଟ୍ରେନ୍ ଦେଖିବାକୁ ମିଳିଥିବାରୁ ସେଠାରୁ ଆସୁଥିବା ଯାତ୍ରୀଙ୍କ ଉପରେ କଡ଼ା ନଜର ରଖିବାକୁ ରାଜ୍ୟମାନଙ୍କୁ ପରାମର୍ଶ ଦିଆଯାଇଛି। ଇଣ୍ଡିଆନ୍ ଜେନୋମିକ ଜନସୋର୍ଟିୟମ ଫର କୋଭିଡ-୧୯ ପକ୍ଷରୁ ଏଥିପାଇଁ ମାର୍ଗଦର୍ଶିକା ମଧ୍ୟ ଜାରି କରାଯାଇଛି। ଦେଶର କେତେକ ଅଞ୍ଚଳରେ ଅଧିକ ସଂକ୍ରମିତ ଚିହ୍ନଟ ହେଉଥିବାରୁ ସେସବୁ ଅଞ୍ଚଳରେ ଆକ୍ରାନ୍ତଙ୍କ ଠାରୁ ନମୁନା ସଂଗ୍ରହ କରି ତାର ଜେନମ ସିକ୍ୟୁଏନ୍ସ ପାଇଁ ଏନ୍‌ସିଡିସି (ନ୍ୟାସନାଲ ସେଣ୍ଟର ଫର ଡିଜିଜ କଣ୍ଟ୍ରୋଲ)କୁ ପଠାଇବା ଲାଗି ବିଭିନ୍ନ ରାଜ୍ୟକୁ ପରାମର୍ଶ ଦିଆଯାଇଛି। ଦିଲ୍ଲୀ ଓ ପଞ୍ଜାବ ଭଳି କିଛି ରାଜ୍ୟ ନମୁନା ପଠାଇଥିଲା ବେଳେ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ରାଜସ୍ଥାନ ଓ କେରଳ ଭଳି ଅଧିକ ସଂକ୍ରମିତ ରାଜ୍ୟ ନମୁନା ପଠାଇ ନଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଜଣେ କୋଭିଡ଼ ଟିକା ନେଇଗଲେ ଯେ ସେ ସଂପୂର୍ଣ୍ଣ ସଂକ୍ରମଣମୁକ୍ତ ତାହା ଭାବିବା ଭୁଲ ହେବ। ଅପରପକ୍ଷେ ଟିକା କେବଳ ରୋଗର ଭୀଷଣତାକୁ କମାଇବା ସହ ଉପଶମ କରିବାରେ ସହାୟକ ହୋଇଥାଏ ବୋଲି ସ୍ୱାସ୍ଥ୍ୟ ଓ ବିକାଶ ଅର୍ଥନୀତିଜ୍ଞ ପ୍ରଫେସର ଅନୁପ ମାଲାନି କହିଛନ୍ତି। ଅବଶ୍ୟ ଟିକା ନେଲେ ମଧ୍ୟ ପୁନଃସଂକ୍ରମଣର ଆଶଙ୍କା ରହିଛି ବୋଲି ସେ କହିଛନ୍ତି। ଅପରପକ୍ଷେ, ଦେଶରେ ସମ୍ପ୍ରତି ଦେଖାଦେଇଥିବା ଅହେତୁକ ସଂକ୍ରମଣ ବୃଦ୍ଧି ପାଇଁ ଏପରି ପୁନଃସଂକ୍ରମଣକୁ ସେ ଦାୟୀ କରିଛନ୍ତି। ଦେଶର ବିଭିନ୍ନ ରାଜ୍ୟ ଓ ସହରରେ ସେରୋ ସର୍ବେକ୍ଷଣ ଚଳାଇଥିବା ତଥା ସିକାଗୋ ବିଶ୍ୱବିଦ୍ୟାଳୟର ଲ'ସ୍କୁଲ ଓ ପ୍ରିଜକର ଭେଷଜ ସ୍କୁଲର ପ୍ରଫେସର ମାଲାନିଙ୍କ ମତରେ ପୂର୍ବର ସଂକ୍ରମଣ ଓ ଟିକା କେବେ ଜଣକୁ ସଂକ୍ରମିତ ହେବାରୁ ରୋକିପାରିବନି। ତେବେ ସଂକ୍ରମଣଜନିତ ମୃତ୍ୟୁ ବା ଅନ୍ୟାନ୍ୟ ଭୟାବହତାକୁ ଟିକା ଦୂରେଇ ଦେଇଥାଏ। ଏଥିସହିତ ଅନ୍ୟକୁ ସଂକ୍ରମିତ କରିବାର ଆଶଙ୍କା ମଧ୍ୟ କମାଇ ଦେଇଥାଏ। ସୁତରାଂ ଟିକା ନେଲେ ପରେ ପୁନଃସଂକ୍ରମଣର ଆଶଙ୍କା ରହିଲେ ବି ତାହା ବେଶୀ କ୍ଷତିକାରକ ହେବନାହିଁ ବୋଲି ସେ କହିଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅକ୍ସିଜେନ ଫର୍ମୁଲା ଅନୁସାରେ ୧୦୦ ରୋଗୀଙ୍କ ପାଇଁ ଘଣ୍ଟା ପ୍ରତି ୯୦ କ୍ୟୁବିକ ମିଟର ଅକ୍ସିଜେନ୍ ଜରୁରୀ। ଗତବର୍ଷ ସେପ୍ଟେମ୍ବର ମାସରେ ରାଜ୍ୟର ୮୨୦ଜଣ କରୋନା ରୋଗୀ ଆଇସିୟୁରେ ଥିବାବେଳେ ଘଣ୍ଟାପ୍ରତି ୭୩୮ କ୍ୟୁବିକ ମିଟର ଅନୁସାରେ ଦିନକୁ ୨୩ ମେଟ୍ରିକ ଟନ ଅକ୍ସିଜେନର ଆବଶ୍ୟକତା ପଡୁଥିଲା। ରାଜ୍ୟରେ ଏବେ ଦିନକୁ ସିଲିଣ୍ଡରରେ ୧୨୯.୬୮ ମେଟ୍ରିକ ଟନ୍ ସିଲିଣ୍ଡର ଅକ୍ସିଜେନ ଓ ୩୭୫ ମେଟ୍ରିକ ଟନ୍ ଲିକ୍ୱିଡ ମେଡ଼ିକାଲ ଅକ୍ସିଜେନ (ଏଲଏମ୍‌ଓ) ଉତ୍ପାଦନ ହୋଇପାରୁଛି। ଟିକାକରଣ ଉପରେ ସମସ୍ତେ ଅଧିକ ଗୁରୁତ୍ୱ ଦିଅନ୍ତୁ। ସାମାଜିକ ଦୂରତା, ମାସ୍କ, ସାନିଟାଇଜର ହେଉଛି ଦ୍ୱିତୀୟ ଟିକା। ଏହାର ବିକଳ୍ପ ନାହିଁ। ଆଜି ବିଶ୍ୱ ଲିଭର ଦିବସ ଅବସରରେ ସର୍ବପ୍ରଥମେ ସାମାଜିକ ଦୂରତ୍ୱ ଅବଲମ୍ବନ ସହ ବାରମ୍ବାର ହାତଧୁଅନ୍ତୁ, ମାସ୍କ ପିନ୍ଧନ୍ତୁ, ବାହାର ଖାଦ୍ୟ ଓ ପାନୀୟ ଠାରୁ ଦୂରେଇ ରୁହନ୍ତୁ। ଟିକା ଜରୁରୀ ଭାବେ ନିଅନ୍ତୁ ଏବଂ ଟିକା ନେଇଥିଲେ ମଧ୍ୟ ବେପରୁଆ ଜୀବନ ବିତାନ୍ତୁ ନାହିଁ। ପ୍ରଶାସନ ଓ ସରକାରଙ୍କ ପରାମର୍ଶ ଗ୍ରହଣ କରନ୍ତୁ ଏହା ହିଁ ବାଞ୍ଛନୀୟ ଓ ଆଜିର ସମୟର ବଡ଼ ଆବଶ୍ୟକତା।

*-ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# ଲୁଥେରାନ ଶିଶୁଯତ୍ନ କେନ୍ଦ୍ରରେ ଦୁଷ୍କର୍ମରୁ ଶିଶୁସନ୍ତାନ ଜନ୍ମ ଘଟଣା

କେନ୍ଦ୍ରାପଡା (ପିଏନ୍): ଲୁଥେରାନ ମହିଳା ସମିତି ଶିଶୁ ଯତ୍ନ କେନ୍ଦ୍ରରେ ଦୁଷ୍କର୍ମରୁ ଶିଶୁ ସନ୍ତାନ ଜନ୍ମ ଘଟଣା ପୂର୍ବରୁ କିଛି ସଂଗୀନ ଅଭିଯୋଗକୁ ପ୍ରଶାସନ ଚପାଇଦେବାରୁ ଏଭଳି ଘଟଣାର ପୁନରାବୃତ୍ତି ହୋଇଛି ବୋଲି ଅଭିଯୋଗ ହୋଇଛି । ଗତ ୨୦୨୦ମସିହା ଫେବୃୟାରୀ ମାସରେ ସେହିସଂସ୍ଥାର ଜନୈକ ଅନ୍ତେବାସୀ ନାବାଳିକାକୁ ଭୀଷଣ ମାଡମରାଯାଇଥିବା ସମ୍ପର୍କରେ ସଂସ୍ଥାର ସୁପରିନଟେଣ୍ଡେଟ ତତ୍କାଳୀନ କେନ୍ଦ୍ରାପଡା ଶିଶୁ ମଙ୍ଗଳ ସମିତିର ଭାରପ୍ରାପ୍ତ ଅଧକ୍ଷା ସ୍ମିତାଞ୍ଜଳି ମହାପାତ୍ରଙ୍କୁ ଅଭିଯୋଗ କରିଥିଲେ ।ସେହି ଅଭିଯୋଗ ଉପରେ ତଦନ୍ତ କରିବାକୁ ଅଧକ୍ଷା ଶ୍ରୀମତୀ ମହାପାତ୍ର ଶିଶୁ ମଙ୍ଗଳ ସମିତିର ସଭ୍ୟ କିଶୋର କୁମାର ସ୍ୱାଇଁ ଓ ଲଳିତାଞ୍ଜଳି ଦାସଙ୍କ ସମେତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପି.ଓ. ଆଇ.ସି. ବାଦଲ ଦାଶ, ପି.ଓ. ଏନ.ଆଇ.ସି. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓ ଏଲ.ପି.ଓ. ବିବେକାନନ୍ଦ ଅତ୍ତବୁଦ୍ଧିଙ୍କୁ ନେଇ ଗଠିତ ଏକ ଟିମର ନେତୃତ୍ୱ ନେଇ ଯାଇଥିଲେ । ଲୁଥେରାନ ଶିଶୁ ଯତ୍ନ କେନ୍ଦ୍ରରେ ପହଁଚିବା ପରେ ଅଧକ୍ଷା ଶ୍ରୀମତୀ ମହାପାତ୍ର ପିଡିତା ନାବାଳିକା ସମେତ ଅନ୍ୟ କେତେକ ଅନ୍ତେବାସୀଙ୍କ ଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ଅନ୍ତେବାସୀମାନଙ୍କ ସମସ୍ତ ଷ୍ଟେଟମେଂଟକୁ ଭିଡିଓ ରେକର୍ଡିଂ ମଧ୍ୟ କରିଥିଲେ । ଏକ ବିଶେଷ ସୁତ୍ରରୁ ପ୍ରକାଶ ଯେ ସଂପୃକ୍ତ ସଂସ୍ଥାର ଜନୈକ ମହିଳା କର୍ମଚାରୀଙ୍କ ସହିତ ଅନ୍ୟ ଜଣେ କର୍ମକର୍ତ୍ତାଙ୍କ ଅନୈତିକ କାର୍ଯ୍ୟକୁ ଅନ୍ତେବାସୀ ନାବାଳିକା ଜଣଙ୍କ ଦେଖିଦେଇଥିବାରୁ ଘଟଣା ସମ୍ପର୍କରେ କାହାରିକୁ ନକହିବା ଉଦ୍ଦେଶ୍ୟରେ ତାକୁ ଭୀଷଣ ମାଡମରାଯାଇଥିଲା । ତଦନ୍ତ ସଂପୂର୍ଣ୍ଣ କରି ସେଠାରୁ ଫେରିଆସିବା ପରେ ସେହି ଅଭିଯୋଗ ଉପରେ ତାଙ୍କର ତଦନ୍ତ ରିପୋର୍ଟ ସହିତ ଭିଡିଓ ରେକର୍ଡିଂର ଏକ ସିଡି ତତ୍କାଳୀନ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ପ୍ରଦାନ କରିଥିଲେ । ଜିଲ୍ଲାପାଳ ଶ୍ରୀ ବର୍ମା ତଦନ୍ତ ରିପୋର୍ଟକୁ ଅନୁଧ୍ୟାନ କରି ସେ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଅଦ୍ୟାବଧି ଜିଲ୍ଲାପାଳ ଶ୍ରୀ ବର୍ମାଙ୍କ ନିର୍ଦ୍ଦେଶ ମତେ ଏ.ଡି.ଏମ. ଶ୍ରୀ ରାଉତଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥରବା ବେଳେ ଏ.ଡି.ଏମ. ଶ୍ରୀ ରାଉତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ଚିନ୍ମୟୀ ରଥଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା କହୁଥିବା ବେଳେ ତଦନ୍ତ ହୋଇଛି କି ନାହିଁ ସେ ସମ୍ପର୍କରେ ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ପାଖରେ କିଛି ସୂଚନା ନଥିବା କହିଛନ୍ତି । ଅନ୍ୟ ପକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଉତ ତଦନ୍ତ ହୋଇଥିଲା କିନ୍ତୁ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ସମ୍ପର୍କରେ ତାଙ୍କର ମନେନଥିବା କହିଛନ୍ତି । କିନ୍ତୁ ପ୍ରକୃତ ପକ୍ଷେ ଜିଲ୍ଲାପାଳ ଶ୍ରୀ ବର୍ମାଙ୍କ ନିର୍ଦ୍ଦେଶରେ ଉପଯୁକ୍ତ ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି । ଜଣେ ଭାରପ୍ରାପ୍ତ ଶିଶୁ ମଙ୍ଗଳ ସମିତି ଅଧକ୍ଷା ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ତାଙ୍କର ତଦନ୍ତ ରିପୋର୍ଟ ଓ ତଦନ୍ତର ଭିଡିଓ ରେକର୍ଡିଂ ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ପରେ ଏବଂ ବାରମ୍ବାର ଲୁଥେରାନ ଶିଶୁ ଯତ୍ନ କେନ୍ଦ୍ରରେ ରହୁଥରବା ଅନାଥ ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଜିଲ୍ଲା ଶିସୁ ସୁରକ୍ଷା ଅଧିକାରୀଙ୍କୁ ସେହି ଘଟଣାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅବଗତ କରିଥିଲେବି ପ୍ରଶାସନ ପକ୍ଷରୁ କୌଣସି ତ୍ୱରିତ ପଦକ୍ଷେପ ଗ୍ରହଣ କରାନଯାଇ ଘଟଣାକୁ ଚପାଇଦେବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି।

# ପବିତ୍ର ଓଡିଆ ନବବର୍ଷ ଅବସରରେ ଜନହିତକର କାର୍ଯ୍ୟକ୍ରମ



ଭୁବନେଶ୍ୱର (ପିଏନ୍): ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡିଆ ନବବର୍ଷକୁ ଏକ ନିଆରା ଢଙ୍ଗରେ ପାଳନ କରିଛି ଦୀର୍ଘ ୨୮ ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ସାଂସ୍କୃତିକ, ସମାଜସେବା ତଥା ଜନହିତକର କାର୍ଯ୍ୟକ୍ରମକୁ ଉଲ୍ଲେଖନୀୟ ଅବଦାନ ଦେଇଆସୁଥିବା ରାଜ୍ୟର ଅଗ୍ରଣୀ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରିବିହାର ଯୁବ ଓ ସାଂସ୍କୃତିକ ସଂଘ। ଦୀର୍ଘ ଏକବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କରୋନା ମହାମାରୀରେ କବଳିତ ବିଭିନ୍ନ ଥଇଥାନ କେନ୍ଦ୍ରରେ କାଳାତିପାତ କରୁଥିବା ଅନାଥ, ଦିବ୍ୟାଙ୍ଗ, ବାସହୀନ ଓ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀମାନଙ୍କୁ ସହାୟତାର ହାତ ବଢାଇଛି ସଂଘ। ସରକାରଙ୍କ କରୋନା କଟକଣାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ୍ଷ ଭାବେରେ ଛାତ୍ରଛାତ୍ରୀମାନଙ୍କ ପାଖରେ ପହଂଚି ପାରୁ ନ ଥିବା ପରିପ୍ରେକ୍ଷୀରେ ସଂଘର ସଭାପତି ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ଅଗ୍ରଣୀ ସାମାଜିକ ଅନୁଷ୍ଠାନ କା ନ ଫାଉଣ୍ଡେସନକୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିତରଣ ପାଇଁ ବସ୍ତ୍ର, ଖାଦ୍ୟ ପାନୀୟ ତଥା ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ହସ୍ତାନ୍ତର କରାଯାଇଛି। ଉତ୍ସବରେ ଉପସ୍ଥିତ ଫାଉଣ୍ଡେସନ୍‌ର ସଭାପତି ଶ୍ରୀ ତାପସରଞ୍ଜନ ମଲ୍ଲିକ୍ ଏବଂ ଉପଦେଷ୍ଟା ଶ୍ରୀ ଶୁଭଜିତ୍ ପଣ୍ଡା ସଂଘର ଏହି ନିଆରା ଉଦ୍ୟମକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ମିଳିତ ଭାବରେ କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ। ସଂଘ ତରଫରୁ ସାଧାରଣ ସଂପାଦକ ବିଶ୍ୱଜିତ୍ ପଟ୍ଟନାୟକ (ସିଲୁ), ସଂଘର ଏହି ଦୀର୍ଘଯାତ୍ରା ଉପରେ ଆଲୋକପାତ କରିବା ସହ କା ନ ଫାଉଣ୍ଡେସନ୍‌କୁ ସାଧୁବାଦ ଜଣାଇଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ବିଷ୍ଣୁ ଦାସ, କୁମର ବାରିକ, ଗଦାଧର ପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ସଂଘର ସାଂସ୍କୃତିକ ସଂପାଦକ ବଟକୃଷ୍ଣ ପଣ୍ଡା ସଂଘ ତରଫରୁ ଏହି କାର୍ଯ୍ୟକ୍ରମକୁ ଜାରି ରଖିବା ଉପରେ ଗୁରୁତ୍ୱାରୋପ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର ଏହି ସାଧୁ ଉଦ୍ୟମକୁ ସବୁ ମହଲରୁ ପ୍ରଶଂସା କରାଯାଇଛି।

# କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ସହରର ୮ଟି ସ୍ଥାନରେ ହାତଧୁଆ ଓ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶୁଭଦେଲେ ବିଧାୟକ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖାଯାଇ ସହରର ୮ଟି ସ୍ଥାନରେ ହାତଧୁଆ ଓ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ପବିତ୍ର ମହାବିଷୁବ ସଂକ୍ରାନ୍ତୀ ଅବସରରେ ସେହି ପ୍ରକଳ୍ପର ନିର୍ମାଣ ନିମନ୍ତେ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା । ସହରର ଇଚ୍ଛାପୁର, କାକଟଛକ, ତହସିଲ ଅଫିସ ଛକ, ସାନ୍ତସାହି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ତୁଳସୀ ମହାବିଦ୍ୟାଳୟ, ତିନିମୁହାଣି ଛକ ଏବଂ ପୌରସଂସ୍ଥା କାର୍ଯ୍ୟାଳୟ ପ୍ରଭୃତି ୮ଟି ସ୍ଥାନରେ ହାତଧୁଆ ବ୍ୟବସ୍ଥା ସହିତ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରାଯିବ । ଏଥିସହିତ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳପଡିଆରେ ସମ୍ବିଧାନ ପ୍ରଣେତା ଡଃ. ବି.ଆର. ଆମ୍ବେଦକରଙ୍କ ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଓ ଉଦ୍ୟାନ ନିର୍ମାଣ ଏବଂ ବାଲାବାବା ମନ୍ଦିରର ମୁଖ୍ୟ ତୋରଣ ସହ ପାଚେରୀ ନିର୍ମାଣ ନିମନ୍ତେ ମଧ୍ୟ ବିଧାୟକ ଶ୍ରୀ ବେହେରା ଶୁଭ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ପୌରସଂସ୍ଥାର ପ୍ରଶାସକ ତଥା ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ପୌର ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ, ଜିଲ୍ଲା ଓକିଲ ସଙ୍ଘ ସଭାପତି ଆଶୁତୋଷ ମହାନ୍ତି, ମାନସରଞ୍ଜନ ଧଳ, ସଞ୍ଜୀୟ କୁମାର ଜେନା, ଦେବଦାସ ମହାନ୍ତି, ଯୁବନେତା ମହେନ୍ଦ୍ର ମିଶ୍ର, ଧିରେନ ସାହୁ, ନଗର ବିଜେଡି ସଭାପତି ଯଯାତିକେଶରୀ ମହାନ୍ତି, ମଙ୍ଗଳବରଣ ସିଂ, ବିଜୟ ପତି ପ୍ରମୁଖ ଉପସ୍ଥିତ ଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୧, ଜୁଲାଇ ୧୪**

# ଆଫଗାନରେ ପୁଣି ତାଲିବାନ

ଏହା ନିଶ୍ଚିତ ଯେ, ଆଫଗାନିସ୍ତାନରୁ ଯୁକ୍ତରାଷ୍ଟ୍ର ଆମେରିକାର ସେନା ପ୍ରତ୍ୟାହାରର ଅନ୍ତିମ ସମୟ ସୀମା ଯେତିକି ପାଖେଇ ଆସୁଛି ତାଲିବାନ ସେତିକି ସେତିକି ଶକ୍ତିଶାଳୀ ହେବାରେ ଲାଗିଛି ଯାହାକି କେବଳ ପଡୋଶୀ ରାଷ୍ଟ୍ରମାନଙ୍କ ପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ଆଫଗାନରେ ଏବେ ଏକ ନିର୍ବାଚିତ ଗଣତାନ୍ତ୍ରୀକ ସରକାର ଓ ଶାସନ ଏବଂ ଆମେରିକୀୟ ସେନା ଉପସ୍ଥିତ ଥିବା ସତ୍ତ୍ୱେ ତାଲିବାନ ଦେଶର ଦୁଇତୃତୀୟାଂଶ ଅଂଚଳ ନିଜ ଅକ୍ତିଆର ନେଇ ସାରିଲେଣି। ଆଶଙ୍କା କରାଯାଉଛି ଯେ, ଆମେରିକାର ଅନ୍ତିମ ସେନା ଅପସାରଣ ପ୍ରକ୍ରୀୟା ଚୂଡାନ୍ତ ହେବା ଦିନ ହିଁ ତାଲିବାନ ଆଫଗାନକୁ କବଜା କରିନେବ ଏବଂ ଦୁଇ ଦଶନ୍ଧିର ଗଣତାନ୍ତ୍ରୀକ ଶାସନ ପଦ୍ଧତିର ଅନ୍ତଘଟିବ । ଉଲ୍ଲେଖଯୋଗ୍ୟ ଯେ, ଆଫଗାନରୁ ଆସନ୍ତା ଅଗଷ୍ଟ ୩୧ ତାରିଖ ସୁଦ୍ଧା ଆମେରିକା ତା'ର ସେନା ପ୍ରତ୍ୟାହାର କରି ନେବାକୁ ରାଷ୍ଟ୍ରପତି ଜୋ.ବାଇଡେନ ଘୋଷଣା କରିଛନ୍ତି। ଆଫଗାନରେ ଅଢେଇ ଲକ୍ଷରୁ ଅଧିକ ସେନା ମୁତୟନ ଅଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆମେରିକାର ଓ୍ୱାଂଶିଟନ ସ୍ଥିତ ସପ୍ତାଶ୍ଚର୍ଯ୍ୟା ଭାବେ ମହଲା ବିଶିଷ୍ଟ ବିଶ୍ୱ (ଡବ୍ଲୁଟିଓ)ରେ ଅତୀତରେ ବିଶ୍ୱର ପରିଚିତ ୧୦୨ ବାଣିଜ୍ୟ କେନ୍ଦ୍ର ୨୦୦୧ ମସିହା ସେପ୍ଟେମ୍ବର ୧୧ ତାରିଖରେ ଆତଙ୍କବାଦୀ ଆକ୍ରମଣ ପରେ ଆମେରିକା ଆଫଗାନ ଉପରେ ଆକ୍ରମଣ କରିଥିଲା। ଦୀର୍ଘ ଦୁଇ ଦଶନ୍ଧି ମଧ୍ୟରେ ଆମେରିକୀୟ ସେନା ଆତଙ୍କବାଦୀ ଗୋଷ୍ଠୀ ଅଲ-କାଇଦା ନେତା ଏସମାବିନ ଲାଡେନକୁ ହତ୍ୟା କରିଥିବା ବେଳେ ଅଲ-କାଇଦା ସଂଗଠନକୁ ଏକ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ପ୍ରକାର ନିଶ୍ଚିହ୍ନ କରିଦେଇଛି। ଆହୁରି ମଧ୍ୟ ଯୁଦ୍ଧ ଆରମ୍ଭର ୧୭ଦିନ ମଧ୍ୟରେ ତାଲିବାନ ଶାସନକୁ ଗାଦିଚ୍ୟୁତ କରି ଗଣତାନ୍ତ୍ରୀକ ଶାସନ ବ୍ୟବସ୍ଥା ପ୍ରତିଷ୍ଠା କରିଥିଲା ସତ ତାଲିବାନକୁ ସମ୍ପୂର୍ଣ୍ଣ ପରାଜିତ କରିପାରିନାହିଁ। ଏହି ଯୁଦ୍ଧରେ ଆମେରିକାର ଅଢେଇ ହଜାରରୁ ଉର୍ଦ୍ଧ୍ୱ ସେନା ନିହତ ହୋଇଥିବା ବେଳେ ପ୍ରାୟ ୧୮୫ ଲକ୍ଷ କୋଟି ଟଙ୍କା ବ୍ୟୟ କରିଥିବା କୁହାଯାଇଛି। ବ୍ରାଉନ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ଏକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଏହି ଯୁଦ୍ଧରେ ୨୦୨୧ ଏପ୍ରିଲ ସୁଦ୍ଧା ୭୧ ହଜାର ନିରୀହ ନାଗରିକଙ୍କ ସମେତ ମୋଟ ୨,୪୧,୦୦୦ ଲୋକଙ୍କ ଜୀବନ ଯାଇଛି। ଏହି ସଂଖ୍ୟା ମଧ୍ୟ ଆହୁରି ବଢିପାରେ। ଏଡି ଯୁଦ୍ଧରେ ଆମେରିକାର ଦୁଇଟି ଲକ୍ଷ୍ୟ ଥିଲା ତାହା ହେଉଛି ଲାଡେନର ମୃତ୍ୟୁ ଏବଂ ଅଲ-କାଇଦା ଆତଙ୍କବାଦୀ ସଂଗଠନକୁ ନିଶ୍ଚିହ୍ନ କରିବା। ଯୁଦ୍ଧ ଆରମ୍ଭ କରିବାର ଦୀର୍ଘ ୧୦ବର୍ଷ ପରେ ଅର୍ଥାତ୍ ୨୦୧୧ ମସିହାରେ ପାକିସ୍ଥାନର ଏକ ଗ୍ରାମରେ ଆତ୍ମଗୋପନ କରିଥିବା ଲାଡେନକୁ ଠାବ କରି ହତ୍ୟା କରିଥିବା ବେଳେ ଅଲ-କାଇଦାକୁ ସମ୍ପୂର୍ଣ୍ଣ ଦୁର୍ବଳ କରିଦେଇଛି। ମାତ୍ର ତାଲିବାନକୁ ପରାଜିତ କରିପାରିନାହିଁ। ଯେଉଁଥିପାଇଁ କି ତାଲିବାନ ସହ ଆମେରିକା ଚୁକ୍ତ କରିବାକୁ ବାଧ ହୋଇଥିଲା। ଏହି ଚୁକ୍ତି ଆମେରିକା ଅଗଷ୍ଟ ୩୧ ସୁଦ୍ଧା ସେନା ପ୍ରତ୍ୟହାର କରିବାକୁ ବାଧ ହୋଇଛି। ଆଫଗାନର ବିଗତ ୧୦୦ ବର୍ଷର ଇତିହାସକୁ ନିରୀକ୍ଷଣ କଲେ, ଏହା ସ୍ୱଷ୍ଟ ଯେ, ଦୁର୍ଦ୍ଧର୍ଷ ଆଫଗାନ ବା ତାଲିବାନମାନ୍ଙ୍କ ଗରିଲା ଯୁଦ୍ଧ ନିକଟରେ ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ ବ୍ରିଟିଶ, ବିଂଶ ଶତାବ୍ଦୀର ଶେଷ ଭାଗରେ ତତକାଳୀନ ସୋଭିଏତ ୟୁନିୟନ ଏବଂ ଏବେ ଆରେମିକା ଆଫଗାନସ୍ଥାନ ଛାଡିବାକୁ ବାଧ ହୋଇଛନ୍ତି। ଖୁବଶୀଘ୍ର ତାଲିବାନମାନେ ଯେ, ଆଫଗାନିସ୍ତାନକୁ ଦଖଲ କରିନେବେ, ଏହା ସ୍ୱଷ୍ଟ ଭାବେ ଜଣାପଡିଗଲାଣି। ଦୁଇଦିନ ତଳେ ତାଲିବାନ ଆଫଗାନର ଐତିହାସିକ ସହର କାନ୍ଦାହାରକୁ ଦଖଲ କରିନେଇଛି। ଯେଉଁଥିପାଇଁ କି ଭାରତ ତାର କାନ୍ଦାହାର ଦୂତାବାସକୁ ସାମୟିକ ବନ୍ଦ କରିଦେବା ସହ ୫୦ଜଣ କୁଟନୀତିଜ୍ଞଙ୍କୁ କଡା ସୁରକ୍ଷା ବଳୟ ମଧ୍ୟରେ ଫେରାଇ ଆଣିଛି। ଆଫଗାନର ରାଜଧାନୀ କାବୁଲକୁ ଦଖଲକୁ ନେବା ପାଇଁ ଅଭିଯାନ ଜାରି ରଖିଛି। ତାଲିବାନ ଯେପରି ଗୋଟିକ ପରେ ଗୋଟିଏ ଅଂଚଳ ଦଖଲ କରିଚାଲିଛି। ଏଥିରେ ଆଫଗାନ ସେନା ଯେ ଅସହାୟ, ଦୁର୍ବଳ ଏହା ସ୍ୱଷ୍ଟ ବାରି ହୋଇପଡୁଛି। ତାଲିବାନକୁ ରୋକିବା ପାଇଁ ଆଫଗାନର ଗଣତାନ୍ତ୍ରିକ ସରକାର, ସେନାବାହିନୀ ଏବଂ ସିଭିଲ ସୋସାଇଟି ଅସମର୍ଥ, ଏହା ନିଶ୍ଚିତ ଯେ ଏକ ସାର୍ବଭୌମତ୍ୟ ଗଣତାନ୍ତ୍ରୀକ ରାଷ୍ଟ୍ର ପୁଣି ଏମିରେଟ(ତାଲିବାନ ଶାସନାଧିନ) ହେବାକୁ ଯାଉଛି। ପୁଣି ମହିଳା ଶିଶୁ ନିର୍ଯ୍ୟାତନା ହେବା ନିଶ୍ଚିତ। ଗତ ଦୁଇ ଦଶନ୍ଧିର ଗଣତାନ୍ତ୍ରିକ ଶାସନରେ ମହିଳା ଓ ଶିଶୁଙ୍କୁ ମିଳିଥିବା ଅଧିକାର ପୁଣି ଭୂଲୁଣ୍ଠିତ ହେବାକୁ ଯାଉଛି। ଆଫଗାନରେ ପରିବର୍ତ୍ତନ ଏବେ ଚିନ୍ତାର କାରଣ। ବିଶେଷ କରି ଭାରତ ପାଇଁ କେବଳ ନିରାପତାଜନିତ ଧମକ ସୃଷ୍ଟି କରିନାହିଁ, ଆର୍ଥୀକ କ୍ଷତିର ସମ୍ମୁଖୀନ ହେବା ନିଶ୍ଚିତ। ଆଫଗାନର ପୁନର୍ଗଠନ ପାଇଁ ଭାରତ ବିପୁଳ ପୁଞ୍ଜିନିବେଶ କରିଛି। ତେବେ କେବଳ ଭାରତ ନୁହେଁ ପଡୋଶୀ ଋଷ, ଇରାନ ଓ ଚୀନ ପାଇଁ ମଧ୍ୟ ଚିନ୍ତାର କାରଣ ହେବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ତେବେ ଆଫଗାନରେ ପରିବର୍ତ୍ତନ ରୁ ପାକିସ୍ଥାନ ଲାଭବାନ ହେବ, ଯେ କି ନିର୍ବାଚିତ ସରକାରଙ୍କୁ ପରୋକ୍ଷ ବିରୋଧ କରିବା ସହ ତାଲିବାନକୁ ସମର୍ଥନ କରି ଆସୁଛି। ସେହିପରି ତୁର୍କି ସମେତ ବହୁ ଇସଲାମି ରାଷ୍ଟ୍ର ମଧ୍ୟ ସକ୍ରୀୟ ହୋଇ ଉଠିଥିବାମ ମନେହୁଏ। ଏଥିପ୍ରତି ବିଶ୍ୱ ସମୁଦାୟ ବେଳ ହୁଁ ସାବଧାନ ହେବା ଆବଶ୍ୟକ।

**ସମ୍ମାନ ଭବନ,**
**ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ ନଂ-୯୪୩୭୯୯୪୩୭୯**

*ପାଠକୀୟ ମତାମତ ଓ ପରାମର୍ଶ ସ୍ୱପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ବାତ୍ୟା ନିରୋଧ ଓ ରାଜ୍ୟର ଆର୍ଥିକ ସ୍ଥିତି

ପ୍ରମୁଖ ଦୈନିକ ସମ୍ବାଦପତ୍ର ସମାଜର ଗତ ନ' ତାରିଖରେ ପ୍ରକାଶିତ ଲେଖା ପାଠକରି କିଛି ପାଠକ ନିଜର ମତାମତ ଚିଠି ଓ ଟେଲିଫୋନ ମାଧ୍ୟମରେ ଜଣାଇଲେ। ସେମାନେ ସାଧାରଣ ପାଠକ ଥିଲେ। ପୂର୍ବଲେଖା ଗୁଡ଼ିକ ଅପେକ୍ଷା ଏ ଲେଖାରେ ଅଧିକ ମତାମତ ଆସିଥିଲା। ସେଥିରେ ଚାରି ପାଞ୍ଚଟି ମତରେ ଆଶଙ୍କା ଥିବା ବାରି ହୋଇ ଯାଉଥିଲା। ପ୍ରଶ୍ନ ଭିତରେ ମୁଖ୍ୟତଃ ଥିଲା ଯେ, ଏହା ଏକ ବିରାଟ ପ୍ରକଳ୍ପ - ସରୁ ସରୁ କେତେବର୍ଷ ଲାଗିବ କିଏ କହିବ? ଏଥିରେ ଗୁଡ଼ାଏ ଟଙ୍କା ବ୍ୟୟ ହେବ। କୋଉଠୁ ଆସିବ ଏତେ ଟଙ୍କା? ବଜେଟ୍‌ରେ ଅନ୍ୟାନ୍ୟ ଖର୍ଚ୍ଚ ତ ପୁଣି ଅଛି। ଜଣେ ପାଠକ ଅଧିକ ସଂଶୟମନରେ କହି ପକାଇଲେ, ଏହି ଲେଖାଟି ଭଲ ହେଇଛି, ତଥାପି ଅବାସ୍ତବ ଲାଗୁଛି। ଟିକେ ଉପରଠଉରିଆ ଓ ରାଜନୈତିକ ଦୃଷ୍ଟି କୋଣରୁ ହୋଇଥିବା ପରି ମନେ ହୁଏ। ସବୁମତାମତ ନିଶ୍ଚୟ ଯଥାର୍ଥ। ମତାମତଗୁଡ଼ିକରୁ ବୁଝାପଡୁଛି ଯେ, ବୋଧହୁଏ ପାଠକକୁ ବୁଝାଇବାରେ ପୂର୍ବଲେଖାଟି ପୂର୍ଣ୍ଣ ସମର୍ଥ ହୋଇନାହିଁ। ବିଶେଷତଃ ବଡ଼ ପ୍ରକଳ୍ପ, ରାଜ୍ୟର ଆର୍ଥିକ ସ୍ଥିତିକୁ ଲକ୍ଷ୍ୟ କରି ଏହି ଆଶଙ୍କା ପ୍ରକାଶ ପାଇଛି। ଏହା ସତ୍ୟ ଯେ କୌଣସି ଯୋଜନା ସଂପର୍କରେ ବକ୍ତବ୍ୟ ରଖୁଥିବା ଯେ କେହି ବ୍ୟକ୍ତି ଯୋଜନାର ରୂପରେଖ ସହିତ ତା'ର ଆବଶ୍ୟକତା, ସମାପନର କାର୍ଯ୍ୟକାଳ, ସେଥିରେ ହେବାକୁ ଥିବା ଆନୁମାନିକ ଅଟକଳ, ଓ ଯୋଜନା ସଂପୂର୍ଣ୍ଣ ହେଲେ ସେଥିରୁ ଉତ୍ପନ୍ନ ସମସ୍ତ ଲାଭ ତଥା ଆୟ ସଂପର୍କୀତ ସବିଶେଷ ବିବରଣୀ ରଖିବା ଉଚିତ୍। ନ ରଖିଲେ ଏହା କେବଳ ଏକ ରାଜନୈତିକ ସ୍ଲୋଗାନ ବା ସ୍ୱପ୍ନ ବଣ୍ଟନର ରୂପ ନେଇଥାଏ। ଏଣୁ କିଛି ପାଠକଙ୍କ କଥିତ ଯୋଜନା ବ୍ୟୟ ଓ ସେଥିରୁ ମିଳିବାକୁ ଥିବା ଆୟ ଓ ଉପଯୋଗୀତା ସଂପର୍କରେ ଜ୍ଞାତ ହେବାର ଇଚ୍ଛା ନିଶ୍ଚୟ ସ୍ୱଭାବିକ। ପୂର୍ବ ଲେଖାରେ ଯୋଜନାରେ ଦୁଇଗୋଟି ଉପଯୋଜନାର ସଂଯୋଗୀକରଣ ଯଥା - ତଟବର୍ତ୍ତୀ ସୁଉଚ୍ଚ ସବୁଜ ପ୍ରାଚୀର ଓ ତଟଠାରୁ ୨୦-୨୫ କି.ମି ଦୂରରେ ଗୋଟିଏ ବଡ଼ କେନାଲ ସଂପର୍କରେ ଉଲ୍ଲେଖ ଥିଲା। ରାଜ୍ୟରେ କାର୍ଯ୍ୟରତ ବଡ଼ ବଡ଼ ଶିଳ୍ପ ସଂସ୍ଥା (ଉକ୍ଟକ୍ସକ୍ଟକ୍ଟକ୍ସବସ୍ପର ଐକ୍ଟଙ୍କସ୍ପର) ମଧ୍ୟରେ ସବୁଜ ପ୍ରାଚୀରର ୨ କି.ମି କରି ବାଣ୍ଟି ଦେବା ସହିତ କୋଷ୍ଟ କେନାଲ ଦାୟୀତ୍ୱ ଉଭୟ କେନ୍ଦ୍ର ଓ ରାଜ୍ୟର ଅଂଶ ରଖି ସାତ ବର୍ଷିଆ ପ୍ୟାକେଜ ଘୋଷିତ ହେବା ଦରକାର। ପ୍ରଥମ ପ୍ରସ୍ତୁତି ବୃକ୍ଷ ରୋପଣ ଓ ରକ୍ଷଣାବେକ୍ଷଣରେ ତଟବର୍ତ୍ତୀ ପାଞ୍ଚଗୋଟି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ସଂସ୍ଥା (ଘ.ଌ.ଌ.), ପର୍ଯ୍ୟାୟ କ୍ରମେ, କେନ୍ଦ୍ରୀୟ ରିଜର୍ଭ ପୋଲିସ୍, ତଟରକ୍ଷା ବାହିନୀ, ଏନ୍.ସି.ସି., ସ୍କାଉଟ୍ ଗାଇଡ୍ ମାନଙ୍କ ସାହାଯ୍ୟରେ କରାଯିବାର ବ୍ୟବସ୍ଥା ହେବା ଦରକାର। ସବୁଜ ପ୍ରାଚୀର କାର୍ଯ୍ୟପାଇଁ ଆବଶ୍ୟକ ଜମି, ଅଧିଗ୍ରହଣ ମୂଲ୍ୟ ଦେବାକୁ ହେବ ନାହିଁ। ତଟବର୍ତ୍ତି ଦଶ କିଲୋମିଟର ଚଉଡ଼ାର ସମସ୍ତ ଜମି ସରକାରଙ୍କର।

ଏଥିପାଇଁ ସରକାରଙ୍କର ଜଙ୍ଗଲ ବିଭାଗ କେବଳ ପର୍ଯ୍ୟାପ୍ତ ପରିମାଣର ଆବଶ୍ୟକତା କିଛି ବୃକ୍ଷ ଯୋଗାଇଦେବେ। ଏହି ବୃକ୍ଷ ପ୍ରସ୍ତୁତିରେ ସରକାରଙ୍କର ବଜେଟ ଉପର ଚାପ ରହିବ ନାହିଁ। ଖଣିଖାଦନ ଅଞ୍ଚଳ ନିମନ୍ତେ ଉଦ୍ଦିଷ୍ଟ ଜିଲ୍ଲା ଉନ୍ନୟନ ଫଣ୍ଡ (ଉସବ୍ସ୍ପକ୍ସସମସ୍ପ ଗସଭରକ୍ସବକ୍ଷ ଉରଙ୍ଗରକ୍ଷକ୍ଟଙ୍କରଭସ୍ପ ରଙ୍କଭୟ) ମହାତ୍ମାଗାନ୍ଧୀ ନାରେଗା ମଜୁରୀର ସହାୟତା ନେବେ ଓ ଜଙ୍ଗଲ ପ୍ରସ୍ତୁତି ପାଇଁ ଥିବା କାମ୍ପା ଫଣ୍ଡ ନିମନ୍ତେ ଥିବା ଅର୍ଥ ବିନିଯୋଗ ହେବ। ନିଷ୍ଠା ଓ ସଂକଳ୍ପର ସହ କାର୍ଯ୍ୟକଲେ ତଥା ଏଥିସହିତ ଇଚ୍ଛାଶକ୍ତି ସଂଯୋଜିତ କଲେ ପ୍ରାଚୀର ପାଞ୍ଚ ବର୍ଷ ମଧ୍ୟରେ ଛିଡ଼ା ହେବ। ଅନ୍ୟମୁଖ୍ୟ କାର୍ଯ୍ୟଟି ଦୀର୍ଘସ୍ଥାୟୀ କେନ୍ଦ୍ରୀୟ ପ୍ୟାକେଜ୍ କେନ୍ଦ୍ର ଓ ରାଜ୍ୟର ୬୦ - ୪୦ ଅଂଶ ଭାବରେ ପ୍ରସ୍ତୁତ ହେବ। ରାଜ୍ୟ ପାଇଁ ଉଦ୍ଦିଷ୍ଟ ୪୦ ଭାଗରୁ ଜମି ଅଧିଗ୍ରହଣ ହେବ ଏବଂ ୫ ବର୍ଷ ପାଇଁ ମହାତ୍ମାଗାନ୍ଧୀ ନାରେଗା ଯୋଜନାକୁ ସଂଲଗ୍ନ ପଞ୍ଚାୟତ ସବୁକୁ ସଂପୃକ୍ତ କରାଯାଇ ହୋଇପାରିବ। ଏହି ଅଞ୍ଚଳଟି ବାଲିଆ ମାଟି ଅଞ୍ଚଳ ହୋଇଥିବା ହେତୁ କୋଟି କୋଟି ଦିନର ମଜୁରୀ (ଗବଭ ୟବଚ୍ଛସ୍ପ) ସୃଷ୍ଟିକରି ଲକ୍ଷ ଲକ୍ଷ ମଜୁରିଆକୁ ଖଟାଯାଇପାରିବ। ସେମାନେ ଆଉ ଦାଦନ ଖଟିବାକୁ ବାହାରକୁ ଯିବେ ନାହିଁ। ପ୍ରସ୍ତୁତ ହେଉଥିବା ସବୁଜ ବନାନୀ ଭିତରେ ଅଧ ମାଇଲ ଦୂରରେ ଗୋଟିଏ ଗୋଟିଏ ଲମ୍ବା ବାସସ୍ଥଳୀ (ଉକ୍ଟକ୍ସକ୍ଟକ୍ଟ-କ୍ସବସ୍ପର ଐକ୍ଟଙ୍କସ୍ପର) ରଖି ଏମାନଙ୍କୁ ରଖାଯାଇପାରିବ। ଗଞ୍ଜାମରୁ ଆରମ୍ଭ କରି ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଆଦି ଉପକୂଳବର୍ତ୍ତୀ ୩୬ଟି ପଞ୍ଚାୟତକୁ ଏହି କାର୍ଯ୍ୟରେ ଲଗାଯିବ। କିନ୍ତୁ କେନାଲରେ ଥିବା ସମସ୍ତ କଙ୍କ୍ରିଟ କାର୍ଯ୍ୟ ଯଥା ବଡ଼, ଛୋଟ ନଦୀ ଓ ନାଳମାନଙ୍କରେ ଆନିକଟ ଓ ଚେକଡ୍ୟାମ ହେଉ ଥିବା କେନାଲ ଉପରେ ପୋଲ ନିର୍ମାଣ ଦୁଇ ପାଖରେ ପିଚୁରାସ୍ତା ନିର୍ମାଣ କେନ୍ଦ୍ରୀୟ ଅନୁଦାନ ଅର୍ଥରେ ହିଁ ହେବ। ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ଏଥିରେ ଖର୍ଚ୍ଚ ହେବ ଓ ବିପର୍ଯ୍ୟୟ ବଣ୍ଡ ସୃଷ୍ଟି କରାଯାଇ ଅର୍ଥ ଯୋଗାଡ଼ ହୋଇପାରିବ। କୋଷ୍ଟ କେନାଲ ପରିକଳ୍ପନା ବିଦେଶୀ ଶାସକ ଇଂରେଜ ସରକାରଙ୍କ ବେଳେ ହିଁ ଆରମ୍ଭ ହୋଇଥିଲା। ଉତ୍ତରରେ ଦିଘା - ଚନ୍ଦନେଶ୍ୱର ଠାରୁ ଆରମ୍ଭ କରି ଦକ୍ଷିଣରେ ଗୋପାଳପୁର ପର୍ଯ୍ୟନ୍ତ ପ୍ରଶସ୍ତ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଅନେକ ପର୍ଯ୍ୟଟନସ୍ଥଳୀ ଅଛି। ତୀର୍ଥସ୍ଥଳୀ ଓ ମନ୍ଦିର ମାନ ଅଛି, ଗବେଷଣା ଉପଯୋଗୀ କ୍ଷେତ୍ର ଅଛି। ବିସ୍ତୃତ ପର୍ଯ୍ୟଟନ କ୍ଷେତ୍ର ଅଛି। ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର, କୋଣାର୍କ, ରାମଚଣ୍ଡୀ, ମା' ମଙ୍ଗଳା ମନ୍ଦିରରେ, କନିକାଇ, ଧାମରାଇ ଠାକୁରାଣୀ ଓ ଚନ୍ଦନେଶ୍ୱର ଇତ୍ୟାଦି ଦେବସ୍ଥଳୀ ଅଛି, ଯେଉଁଠିକୁ ଦେଶ ବିଦେଶରୁ ଅନେକ ପର୍ଯ୍ୟଟକ ଆସିଥାନ୍ତି। ଜାତୀୟତା ଆନ୍ଦୋଳନର ମୁଖ୍ୟ କ୍ଷେତ୍ର ଇଂଚୁଡ଼ି, କୁଜଙ୍ଗ, ଅସ୍ତରଙ୍ଗ ଆଦି ଲବଣ ସତ୍ୟାଗ୍ରହ କ୍ଷେତ୍ର, ପର୍ଯ୍ୟଟନ କ୍ଷେତ୍ର, ଚାନ୍ଦବାଲି, ସାତଭାୟା, ଭିତରକନିକା (ଡାଙ୍ଗାମାଳ) ବତୀଘର, ତାଳଚୁଆଁ, ରାମନଗର, ରାମଚଣ୍ଡୀ, ଅଲେଖ ନାହାକାଣୀ, ପେଣ୍ଠୁ, ବଣପାଟିଆ, ଅମରନାଥ ସାତପେଷା, ଗୋପାଳପୁର, ଦେବୀନଦୀ ମୁହାଣ ନିକଟରେ ଥିବା ବନ୍ଦର ଗାଁ, ଆଦି ଅନେକ ଆକର୍ଷଣ ସୃଷ୍ଟିକରି ତୀର୍ଥ ଓ ପର୍ଯ୍ୟଟନ ସ୍ଥଳୀ ଅଛି। କୁମ୍ଭିରସାଂକ୍‌ଚୁଆରୀ, କଇଁଚସାଂକୁଚୁଆରୀ ସାଙ୍ଗକୁ ନୀଳ କଙ୍କଡ଼ା କ୍ଷେତ୍ର ମଧ୍ୟ ଗବେଷକ ମାନଙ୍କୁ ଆକୃଷ୍ଟ କରିଥାଏ। ଅନେକ ଯାଗା ଅଛି ଯେଉଁଠି ପର୍ଯ୍ୟଟକ ନୌକା ଗୃହରେ ଦିନ ଦିନ ଧରି ରହିବାକୁ ଚାହିଁବେ। ପର୍ଯ୍ୟଟନସ୍ଥଳୀ ସାମାନ୍ୟ ସଜାଡ଼ିଦେଲେ ଦେଶୀ, ବିଦେଶୀ ପର୍ଯ୍ୟଟକମାନେ ଅନେକ ଦିନ ଧରି ରହିବାକୁ ସ୍ଥାନ ପସନ୍ଦ କରିବେ। ପ୍ରତ୍ୟକ୍ଷ, ପରୋକ୍ଷ ନିଯୁକ୍ତି ବଢ଼ିବ।

ଅଧିକନ୍ତୁ ସମୁଦ୍ର ତଟରେ ଟାୱାରମାନ ଗଢ଼ି ଯାତାୟତ କରିବା ନିମନ୍ତେ ରୋପୱେ ତିଆରି କରି ଛୁଆ ଠାରୁ ବରିଷ୍ଠ ମାନଙ୍କୁ ଆକୃଷ୍ଟ କରା ଯାଇପାରିବ। କରପୋରେଟ୍ ପ୍ଲେୟାର (ଉକ୍ଟକ୍ସକ୍ଟକ୍ଟ-କ୍ସବସ୍ପର ଚକ୍ଷବଚ୍ଛରକ୍ସ) ମାନଙ୍କ ପାଇଁ ଏହି ସୁଯୋଗ ଖୋଲି ରଖିବା ଦରକାର। ସମୁଦ୍ର ତଟଭାଗର ପରିବେଶ ନଷ୍ଟ ନ କରି ଅଧିକ କୋଳାହଳ ବା ଆବର୍ଜନା ସୃଷ୍ଟି ନ କରି ଗୋଟିଏ ଟାୱାରର ଅନ୍ୟ ଟାୱାରକୁ ଯାତ୍ରା କରିହେବ ଓ ସମୁଦ୍ରର ସମସ୍ତ ସୌନ୍ଦର୍ଯ୍ୟ ଉପଭୋଗ କରିହେବ। ଚିଲିକାରେ ଓ ନିର୍ମିତ କେନାଲରେ ନୌ ବିହାର, ନୌକା, ହୋଟେଲ ରଖାଯାଇପାରିବ। ବିଶ୍ୱ ତମାମ ଧନୀକ ପର୍ଯ୍ୟଟକ ମନୋରଞ୍ଜନ ଓ ଉତ୍ତମ ଜଳବାୟୁ ସନ୍ଧାନରେ ଏଠାକୁ ଆସିବାକୁ ପସନ୍ଦ କରିବେ। ଏହି ସବୁ ଟାୱାର - ହୋଟେଲ ମାନଙ୍କରେ ଉଚ୍ଚମାନର ଓ ମଧ୍ୟମ ଧରଣର ବିଭିନ୍ନ ବର୍ଗର ଯାତ୍ରୀଙ୍କ ପାଇଁ ଷ୍ଟାର ହୋଟେଲ ପ୍ରସ୍ତୁତ ହେବା ସହିତ ବଜାର ନିମନ୍ତେ ମଲ ଏବଂ ଷ୍ଟଲ ବ୍ୟବସ୍ଥା କରାଯାଇପାରିବ। ତଳେ ବାଲି ହରୀଣ ସମେତ ଅନେକ ଜୀବଜନ୍ତୁ ଉପରେ ଦେଶ ବିଦେଶାଗତ ଚଢ଼େଇର ମେଳାକୁ ଉପଭୋଗ କରିହେବ। ଟାୱାର ପଥରେ (ଜକ୍ଟକ୍ସର ଙ୍ଗବଚ୍ଛ) ଯାତ୍ରା ହେବ। ସବୁଠାରୁ ବଡ଼ କଥା ହେବ ଏହି ପର୍ଯ୍ୟଟନ ଓ ପରିବହନର ସହାୟକ ହେବ କୋଷ୍ଟ କେନାଲ। ସମସ୍ତେ ଜାଣନ୍ତି ପ୍ରକୃତି ଦତ୍ତ ଜଳବାୟୁ ଓ ଭୌଗଳିକସ୍ଥିତି ଓଡ଼ିଶା ଭୁଖଣ୍ଡ ଆମରାଜ୍ୟ ପାଇଁ ବଡ଼ ସଂପଦ। ତା'ର ଯଥାର୍ଥ ବ୍ୟବହାର ଜାଣି ନଥିବାରୁ ଆମେ ବିପଦରେ ପଡୁଛେ। କିଛି ବର୍ଷ ତଳେ ରାଜ୍ୟର ବାର୍ଷିକ ବୃଷ୍ଟିପାତ ୬୦ ଇଞ୍ଚି ଥିଲା। ଜଳବାୟୁରେ ବିଭ୍ରାଟ ଘଟାଇ ଏହା ୫୪/୫୫ ଇଞ୍ଚିକୁ ବା ବାର୍ଷିକ ହାରାହାରି ୧୪୦୦ ରୁ ୧୫୦୦ ମି.ମିଟରରେ ରହିଛି। ଅବଶ୍ୟ ବିକ୍ଷିପ୍ତ ବର୍ଷା ଓ ଅନୀୟମିତତା କାରଣରୁ ଗୋଟିଏ ଗୋଟିଏ ଅଞ୍ଚଳରେ ଅତିବୃଷ୍ଟି ଓ ଗୋଟିଏ ଗୋଟିଏ



ପଞ୍ଚାନନ କାନୁନ୍‌ଗୋ

ଅଞ୍ଚଳରେ ଅନାବୃଷ୍ଟି ବା ଅଳ୍ପବୃଷ୍ଟି ହୋଇଥାଏ। ତଥାପି ବର୍ଷକୁ ହାରାହାରି ୨୩୧ ବିଲିଅନ କ୍ୟୁବିକ ମିଟର ବର୍ଷାପାଣି ଭୂମି ଉପରେ ପାଇଥାଉ। ଏହାର କିଛି ଅଂଶ ଜଳୀୟ ବାଷ୍ପ ହୋଇ ଉପରକୁ ଯାଏ ଓ କିଛି ଅଂଶ ମାଟି ତଳକୁ ଯାଇ ଭୂତଳ ଜଳସ୍ତରକୁ ସଂଗଠିତ କରିଥାଏ। ଆଉ ସମସ୍ତ ବର୍ଷକର ପ୍ରବାହିତ (ଜଙ୍କଭ କ୍ଟଲଲ) ଜଳରାଶି ସମୁଦ୍ରକୁ ଚାଲିଯାଏ, ଯାହା ଏ ରାଜ୍ୟର ଏକ ବୃହତ୍ତର ସଂପଦ। ଏହି ବର୍ଷା କେବଳ ବର୍ଷାଦିନେ ଅର୍ଥାତ୍ ଜୁନ୍ ରୁ ସେପ୍ଟେମ୍ବର ମଧ୍ୟରେ ୭୮% ହୋଇଥାଏ ଓ ଅନ୍ୟ ସମୟରେ ମାତ୍ର ୨୨% ହୋଇଥାଏ। ସେଥିମଧ୍ୟରୁ ୫୭% ଜଳ ନଦୀନାଳ ବାଟ ଦେଇ ବର୍ଷାଦିନେ ସମୁଦ୍ରକୁ ବୋହିଯାଇଥାଏ। ଚନ୍ଦନେଶ୍ୱର ଠାରୁ ଗୋପାଳପୁର ମଧ୍ୟରେ ପ୍ରବାହିତ ବଡ଼ନଦୀ ଓ ତା'ର ଶାଖା ନଦୀ ମାନଙ୍କରେ ସମୁଦ୍ରକୁ ବୋହି ଯାଉଥିବା ଜଳରାଶି, ପରିମାଣ ବର୍ଷକୁ ପାଖାପାଖି ୪୫ ବିଲିଅନ କ୍ୟୁବିକ ମିଟର। ବର୍ଷକୁ ୩୬ ବିଲିଅନ କ୍ୟୁବିକ ମିଟର ଜଳ ସମୁଦ୍ରରେ ନ ପକାଇ ବାନ୍ଧି ରଖାଯାଇପାରିବ। ବଡ଼ କେନାଲରେ ପ୍ରବାହିତ ଜଳ ମୁଖ୍ୟତଃ ଜଳମୁଣ୍ଡରେ ମାଟିତଳେ ବିସ୍ତାର ଲାଭ କରୁଥିବା ଲୁଣପାଣିକୁ ରୋକିବ। କେନାଲ ଗୁଡ଼ିକର ତଳମୁଣ୍ଡକୁ ପାଣି ମାଡ଼ି ନଥାଏ। ଏହି କୋଷ୍ଟ କେନାଲ ତଳମୁଣ୍ଡରେ ଜଳସେଚନରେ ସାହାଯ୍ୟ କରିବା ସହିତ - ଭୂତଳ ଜଳସ୍ତରକୁ ମଧୁର ପାଣିରେ ଭରି ଦେଇ ପାନୀୟଜଳ ତଥା ଉଠାଜଳସେଚନରେ ସାହାଯ୍ୟ କରିବ। ୧୯୭୮ ମସିହା ବିଜୁ ଜନତା ଦଳ ଇସ୍ତାହାରରେ ରାଜ୍ୟରେ ଅନ୍ତତଃ ଗୋଟିଏ ଫସଲ ପାଇଁ ସବୁ ଚାଷଜମିକୁ ଜଳ ଯୋଗାଇବାର ପ୍ରତିଶୃତି ଦିଆଯାଇଥିଲା। ତାହା ଏପର୍ଯ୍ୟନ୍ତ ୨୨ ବର୍ଷର ଶାସନ କାଳରେ ବି ହୋଇ ନାହିଁ। ବରଂ ପୂର୍ବରୁ ହେଉଥିବା ଜଳସେଚନର ବ୍ୟବସ୍ଥା କେନାଲ ତଳମୁଣ୍ଡରେ ସଂକୁଚିତ ହୋଇଛି। ଏହି ବଡ଼ କେନାଲ ଦ୍ୱାରା ଅନ୍ତତଃ ଏକ ବିସ୍ତୃତ ଅଂଚଳରେ ତିନିଫସଲି ଚାଷ ପାଇଁ ଜଳ ଯୋଗାଣ ହୋଇପାରିବ। କେନ୍ଦ୍ର ସରକାରଙ୍କ 'ସାଗରମାଳା' ଯୋଜନା ବାସ୍ତବ ରୂପ ଦେବାକୁ ଚାହୁଁଥିବା ସମସ୍ତ ବ୍ୟକ୍ତି ସେହି ଅର୍ଥକୁ ଏହି କେନାଲ ଖୋଳାଇବା ଓ ଦୁଇ ପାର୍ଶ୍ୱରେ ଦୁଇ ଆକିଆ ଦୁଇଟି ପ୍ରଶସ୍ତ ରାସ୍ତା ପ୍ରସ୍ତୁତ କରିବା ଅର୍ଥ ବିନିଯୋଗ କରିବା ଦରକାର। ଅଧିକନ୍ତୁ ଏହା ସମୁଦ୍ରତଟ ପ୍ରଦୂଷଣମୁକ୍ତ ହେବାରେ ସାହାଯ୍ୟ କରିବ। କେନାଲ ଓ ସବୁଜ ପ୍ରାଚୀର ମଧ୍ୟବର୍ତ୍ତୀ ଅଞ୍ଚଳରେ ଚାଷୀମାନେ ଧାନ, ପାନ, ମୀନ ଚାଷ ସମେତ ଫଳ ବଗିଚା ପ୍ରସ୍ତୁତ କରିପାରିବେ। କଳାବଜାରୀ, ଚୋରାବେପାରୀମାନେ ସମୁଦ୍ର ପଥରେ ପ୍ରବେଶ କରିବାକୁ ସାହାସ କରିବେ ନାହିଁ। ରାବଣ ସ୍ୱର୍ଗଯାତ୍ରାର ନିଶୁଣୀ ପ୍ରସ୍ତୁତ ଉପାଖ୍ୟାନ ସଂପର୍କରେ ସମସ୍ତେ ସଚେତନ ରହିବା ଦରକାର। ଏହି ଦୁଇ ରାସ୍ତାର ଦୁଇ ପାର୍ଶ୍ୱରେ ଟୋଲଗେଟ୍ ମାଧ୍ୟମରେ ଟୋଲ ଆଦାୟ କରି ସରକାର ତାଙ୍କ ଖର୍ଚ୍ଚର କିଛି ପରିଶୋଧ କରିପାରିବେ। ଲକ୍ଷ ଲକ୍ଷ ରୋଜଗାର ପ୍ରକଳ୍ପ ଆରମ୍ଭ ହେବାଠାରୁ, ଶେଷ ହେବାପରେ ସୃଷ୍ଟି ହେବ। ଓଡ଼ିଶା ଆଉ କେବେବି ତଳସ୍ତରର ରାଜ୍ୟଭାବେ ରହିଥିବା ଅପକ୍ଷାତି ମୁଣ୍ଡାଇବ ନାହିଁ। ଅନ୍ତତଃ ରାଜ୍ୟ ସରକାର ଏହା ଆଖି ଆଗରେ ରଖି ତୁରନ୍ତ ପ୍ରକଳ୍ପ ପ୍ରସ୍ତୁତ କରିବା ଦରକାର ଓ ନିଜ ଉଦ୍ୟମରେ କାର୍ଯ୍ୟ ଆରମ୍ଭ କରିଦେଇ କେନ୍ଦ୍ର ପାଖରେ ଦାବୀ ଉପସ୍ଥାପନ କଲେ ଚାପ ଅଧିକ ଦୃଢ଼ ହେବ। ଏ ସଂପର୍କରେ ଗୋଟିଏ ଦୃଷ୍ଟାନ୍ତ ଦେବା ଦରକାର। ପାରାଦ୍ୱିପ ବନ୍ଦରକୁ ଏକ ମେଜର ପୋର୍ଟରେ ପରିଣତ କରିବା ଓ ପରିବହନ ବୃଦ୍ଧି ପାଇଁ ରାଜ୍ୟ ନେତା ବିଜୁବାବୁ କେନ୍ଦ୍ରଠାରେ ଦାବୀ କଲେ ମଧ୍ୟ କେନ୍ଦ୍ରୀୟ ଅନୁଦାନରୁ ବଞ୍ଚିତ ହେଲେ। ସେ ନିଜେ କାର୍ଯ୍ୟ ଆରମ୍ଭ କରି କେନ୍ଦ୍ର ହାତରେ ସମର୍ପଣ କଲେ ଓ ଜବାହାରଲାଲ ନେହେରୁ ଓ ଲାଲବାହାଦୁର ଶାସ୍ତ୍ରୀ ବନ୍ଦରର ଉନ୍ନତି କଳ୍ପେ ସମସ୍ତ କାର୍ଯ୍ୟ କଲେ। ଆଜି ପାରାଦ୍ୱିପ ଦେଶର ଅନ୍ୟତମ ଶ୍ରେଷ୍ଠ ବନ୍ଦର ଭାବେ ପରିଚୟ ସୃଷ୍ଟି କରିଛି। ଗୋଟିଏ ବଡ଼ ଆଶ୍ଚର୍ଯ୍ୟର କଥା ଦେଖିବାକୁ ମିଳୁଛି ଯେ, କୌଣସି ବୈଷୟିକ ପ୍ରସ୍ତୁତି ଓ ରାଜ୍ୟସ୍ୱାର୍ଥଜନିତ ଲାଭକ୍ଷତିର ହିସାବ ନ ନେଇ ରାଜ୍ୟ ସରକାର କୋଷ୍ଟ ହାଇୱେ ନିର୍ମାଣକୁ କେବଳ ସମର୍ଥନ ଜଣାଉ ନାହାନ୍ତି, ଅଧିକନ୍ତୁ ଏହା ଜଳ ପରିବହନକୁ ସମୃଦ୍ଧ କରିବ ବୋଲି ଯୁକ୍ତି ବାଢୁଛନ୍ତି। ଏହା କିପରି ହେବ, ଜଣାନାହିଁ। ବରଂ କୋଷ୍ଟ କେନାଲର ଜଳ ପଥରେ ପରିବହନ ସୁଗମ ହେବ। କଣ୍ଟେନର ପରିବହନ ବ୍ୟବସ୍ଥା ଚାଲୁ ହେବ। ଜାତୀୟ ରାଜପଥ ଯେଉଁ ପରିମାଣରେ କ୍ଷତି ଘଟାଇବ ସେହି ପରିମାଣର ବ୍ୟବସାୟିକ ଲାଭ ରାଜ୍ୟ ପାଇଁ ହେବ ନାହିଁ। ସମୁଦ୍ର ପଥର ପରିବହନ କେବଳ ବଡ଼ ବଡ଼ ବେପାରୀ, ଶିଳ୍ପପତି, ଖଣିଜ ସଂପଦ ଲୁଟକାରୀଙ୍କୁ ସହାୟକ ହେବ। ରାଜ୍ୟ ପରିବହନ ମନ୍ତ୍ରି ଏହି କୋଷ୍ଟ ହାଇୱେ ସପକ୍ଷରେ ମତାମତ ଦେବା ପୂର୍ବରୁ ବେପାରୀ ପ୍ରୀତି ଓ ରାଜ୍ୟ ପ୍ରୀତି ଭିତରେ ତଉଳିବା ଉଚିତ୍ ଥିଲା । କେନ୍ଦ୍ର ଓ ରାଜ୍ୟ ସରକାରରେ ଥିବା ଲୋକ ପ୍ରତିନିଧିମାନେ ଅଞ୍ଚଳର ଓ ଲୋକଙ୍କ ଆବଶ୍ୟକତାକୁ ଲକ୍ଷ୍ୟ ରଖି କାର୍ଯ୍ୟ କରିବେ ବୋଲି ଆଶା କରାଯାଏ।

# ଓଡ଼ିଶାର ଗର୍ବ ସ୍ଥାପତ୍ୟ ଶିଳ୍ପୀ-ରଘୁନାଥ ମହାପାତ୍ର

ମଣିଷ ମାନଙ୍କ ଦ୍ୱାରା ଦେଶ , ଜାତି ,ରାଷ୍ଟ୍ର ଓ ସମାଜ ଗଢ଼ା ଯାଇଛି । ପ୍ରତ୍ୟେକ ସମାଜ ର ଦୁଇଟି ଆଖି ଥାଏ , ତାହା ହେଉଛି ସଭ୍ୟତା ଓ ସଂସ୍କୃତି । ସଂସ୍କୃତି ହେଉଛି ସମାଜର ଦେବତା ,ସଭ୍ୟତା ତାର ବାହନ । ମଣିଷ ର ସଂସ୍କୃତି ସଂକ୍ରୀର୍ଣ୍ଣ ହେଲେ ତାର ସଭ୍ୟତା ବିପଦରେ ପଡ଼ିଥାଏ । ଆମ ଓଡ଼ିଶା ହେଉଛି ସାହିତ୍ୟ ,କଳା, ଭାସ୍କର୍ଯ୍ୟ ଓ ସଂସ୍କୃତି ସଭ୍ୟତାର ଦେଶ । ଯେଉଁଠି ଶିଳାରେ ସୌରଭ ଭରି ନିହାଣ ମୁନରେ ନିର୍ଜୀବ ପାଷଣ କୁ ଜୀବନ୍ୟାସ ଦେଇ କୀର୍ତିମାନ ସ୍ଥାପନ କରନ୍ତି ଶିଳ୍ପୀ , ସେହି ଦେଶରେ ଏକ ସାଧାରଣ ପରିବାର ରେ ୧୯୪୩ ମସିହା ମାର୍ଚ୍ଚ ୨୩ ତାରିଖରେ ପୁରୀ (ହରଚଣ୍ଡିସାହି) ପଥୁରୀୟା ସାହିରେ ଜନ୍ମ ଗ୍ରହଣ କରିଥିଲେ । ସଂସଦ ପଦ୍ମ ବିଭୁଷଣ ଡ଼. ରଘୁନାଥ ମହାପାତ୍ର , ପିତା- ଦାମୋଦର ମହାପାତ୍ର ଓ ମା ସୁକାନ୍ତି ଦେବୀ। ରଘୁନାଥ ଙ୍କୁ ଯେତେବେଳେ ୫ ବର୍ଷ ସେତେବେଳେ ତାଙ୍କୁ ଜ୍ୱର ହୋଇଥିଲା । କୌଣସି ଔଷଧ କାର୍ଯ୍ୟ କଲା ନାହିଁ। ଡ଼ାକ୍ତର କହିଲେ ଅଳ୍ପ ସମୟ ରେ ପିଲାଟି ମରିଯିବ। ପିତା ମାତା ମା ହରଚଣ୍ଡିଙ୍କ ଆଶ୍ରୟ ନେବାରୁ ସେ ଭଲ ହୋଇ ଗଲେ । ସେହି ଦିନ ଠାରୁ ରଘୁନାଥ ମା'ଙ୍କ ଭକ୍ତ ପାଲିଟି ଗଲେ । ଘରଦ୍ୱାର ଛାଡ଼ି ସେ ମା' ଙ୍କୁ ଖୋଜିବା ପାଇଁ ବଣ ଜଙ୍ଗଲରେ ଅଖିଆ ଅପିଆ ବୁଲିଲେ । ସେ ଜଣେ ସାଧୁଙ୍କ ସାନ୍ନିଧ୍ୟ ପାଇଁ ରାମେଶ୍ୱର ଠାରେ ସାଧାନା ରେ ବ୍ରତୀ ହେଲେ । ଶେଷରେ ସେ ଶିବଙ୍କର ଆଶ୍ରିବାଦ ପ୍ରାପ୍ତ ହେଲେ । ଦୁଇବର୍ଷ ପରେ ସେ ଘରକୁ ଫେରି ଜଗନ୍ନାଥ ଙ୍କ ଭାବଭକ୍ତି ର ଆଶ୍ରୟ ନେଇ ନିଜ କାର୍ଯ୍ୟରେ ଲାଗି ପଡ଼ିଲେ ।

ସେ ଛୋଟ ବେଳୁ ଅଜା ଅପର୍ତି ମହାପାତ୍ର ଙ୍କ ଠାରୁ ମୁର୍ତି ଗଢ଼ିବା ଶିକ୍ଷା ଲାଭ କରିଥିଲେ । ରଘୁନାଥ ପୁରୀ ବଡ଼ଦାଣ୍ଡରେ ଥିବା ବିଭିନ୍ନ ଦୋକାନରେ ମୃର୍ତି ବିକ୍ରି ପାଇଁ ଦିଅନ୍ତି ଆଉ କିଛି ମୃର୍ତି ସମୁଦ୍ର କୂଳରେ ବିକ୍ରି କରି ସଂନ୍ଧ୍ୟା ବେଳକୁ ଦୋକାନି ଙ୍କ ଠାରୁ ପଇସା ଆଦାୟ କରି ଘରକୁ ଫେରନ୍ତି । ଏହା ଥିଲା ତାଙ୍କର ନିତିଦିନିଆ ବେଉସା । ଦିନେ ମୃର୍ତି ଗଢ଼ିବା ସମୟରେ ପଥୁରୀଆ ସାହି କୁ ଓଡ଼ିଶା ଓ କଲିକତା ର ଡ଼ିଜାଇନ୍ ସେଣ୍ଟର ର ଦୁଇ ନିର୍ଦ୍ଦେଶକ ଆସିଥିଲେ । ସେମାନେ ରଘୁନାଥ ଙ୍କ କାର୍ଯ୍ୟ ଦେଖି ଖୁସି ହୋଇ ତାଙ୍କୁ ଆତ୍ମନିଯୁକ୍ତି ଦେବାକୁ ପ୍ରସ୍ତାବ ଦେଇଥିଲେ । କାଳବିଳମ୍ବ ନ କରି ରଘୁନାଥ ଭୁବନେଶ୍ୱର ଠାରେ ଥିବା ହ୍ୟାଣ୍ଡିକ୍ରାଫ୍ଟ ଡ଼ିଜାଇନ ଆଣ୍ଡ ଟେକ୍ନିଂ ସେଣ୍ଟରରେ ଚାକିରିରେ ଯୋଗ ଦେଲେ । ଏଠାରେ କାର୍ଯ୍ୟ କରିବା ସମୟରେ କାରିଗର ଜୀବନର ଏକ ପରିବର୍ତନ ଆସିଲା । ସେ ସର୍ବଭାରତୀୟ ହସ୍ତଶିଳ୍ପ ବୋର୍ଡ଼ ପକ୍ଷରୁ ହେଉଥିବା ପ୍ରତିଯୋଗିତା ରେ ଭାଗ ନେଲେ । ସେ କୋଣାର୍କ ଘୋଡ଼ା ତିଆରୀ କରି ପ୍ରତିଯୋଗିତା କୁ ପଠାଇଥିଲେ । ଏହି ପ୍ରତିଯୋଗିତା ରୁ ସେ ପ୍ରଥମ କରି ଜାତୀୟ ସ୍ୱୀକୃତି ପାଇ ରାଷ୍ଟ୍ରପତି ଡ଼ଃ ଭି.ଭି.ଗିରି ଙ୍କ ଠାରୁ ପୁରସ୍କୃତ ହୋଇଥିଲେ । ଜାପାନର ଫୁଜି ଗୁରୁଜୀ ଙ୍କ ଦିଗଦର୍ଶନରେ ରଘୁନାଥ ମହାପାତ୍ର



ଅକ୍ଷୟ କୁମାର ରାଉତ

ଧଉଳି ଠାରେ ୧୮ ଫୁଟର ବୁଦ୍ଧ ମୂର୍ତି ନିର୍ମାଣ କରି ସମସ୍ତ ଙ୍କୁ ବିସ୍ମିତ କରିଥିଲେ । ଫୁଜି ଗୁରୁଜୀ ତାଙ୍କର ନିର୍ମାଣ ଶୈଳୀ ଦେଖି ଜାପାନ ଯିବାକୁ ତାଙ୍କୁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ତାଙ୍କ ପ୍ରସ୍ତାବ ରଘୁନାଥ ପ୍ରତ୍ୟାଖାନ କରିଥିଲେ । ଶ୍ରୀ ଜଗନ୍ନାଥ ଙ୍କ ର ପ୍ରରମ ଭକ୍ତ ଭାବେ ଜଣାଶୁଣା ରଘୁନାଥ ଶିଳ୍ପୀ ଗୁରୁ କଳା ଜଗତରେ ଗୋଟିଏ ପରେ ଗୋଟିଏ ଅନନ୍ୟ କଳାର ସୃଷ୍ଟି କରି ଦେଶ ବିଦେଶରେ ପରିଚିତ ହୋଇ ଥିଲେ । ତାଙ୍କର କଳାକୃତି ଥିଲା ,ଯଥା- ଭୁବନେଶ୍ୱର ମାଷ୍ଟର କାଣ୍ଟିନ ଛକରେ କୋଣାର୍କ ଘୋଡ଼ା , କଟକ ବାରବାଟି ଷ୍ଟାଡ଼ିୟମ୍‌ରେ କୋଣାର୍କ ଘୋଡ଼ା , ଭୁବନେଶ୍ୱର ଏୟାର ପୋର୍ଟରେ ୧୬ ଟି କୋଣାର୍କ ଚକ୍ର , ଟିଟିଲାଗଡ଼ରେ ୭୦ ଫୁଟ ଉଚ୍ଚତାର ୩ ଟି ମନ୍ଦିର , ଗାମର ନୂତନ ତାରା ତାରିଣୀ ମନ୍ଦିର , ବାଲେଶ୍ୱର ଇମାମି ଜଗନ୍ନାଥ ମନ୍ଦିର , ଧଉଳିରେ ୨ ଟି ବୌଦ୍ଧ ମୂର୍ତି , ସଂସଦରେ ସ୍ଥାପିତ ସୂର୍ଯ୍ୟ ନାରାୟଣ ମୂର୍ତି , ରାଜିବ ଗାନ୍ଧି ଙ୍କ ସମାଧିପିଠ , ନୂଆ ଦିଲ୍ଲୀ ଅଶୋକା ହେଟେଲରେ କୋଣାର୍କ ଚକ୍ର , ହରିଆନା ସ୍ୱରଜ କୁଣ୍ଡରେ ୧୫ ଫୁଟ ର ବୁଦ୍ଧ ମୃର୍ତି , ଆମେରିକାର ଉତର ଆଲବାମାରେ ଜଗନ୍ନାଥ ମନ୍ଦିର , ଲଦାଖରେ ୨୦ ଫୁଟ ଉଚ୍ଚତା ବିଶିଷ୍ଟ ୩ ଟି ବୌଦ୍ଧ ମୂର୍ତି ,ଫ୍ରାନ୍ସରେ କାଠର ବିଶାଳ ବୌଦ୍ଧ ମୂର୍ତି , ଜାପାନରେ ୧୫ ଫୁଟ ଉଚ୍ଚତାର ଅଶୋକସ୍ତମ୍ଭ , ଓଡ଼ିଶାର ଭାସ୍କର୍ଯ୍ୟ ଶିଳ୍ପୀ ରଘୁନାଥ ମହାପାତ୍ର ଦେଶର କିଛି ବ୍ୟାକ୍ତିଙ୍କ ମଧ୍ୟରୁ ଜଣେ ଯିଏକି ତିନୋଟି ପଦ୍ମ ସମ୍ମାନ ପାଇବାରେ ହକଦାର ହୋଇଥିଲେ । ସେ ପ୍ରସ୍ତର ଶିଳ୍ପ କୃତି ପାଇଁ ୩୩ବର୍ଷ ବୟସରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ । ୨୦୦୧ ମସିହାରେ ସେ ପଦ୍ମଭୂଷଣ ପୁରସ୍କାର ପାଇଥିଲେ। ୨୦୧୩ ରେ ତୃତୀୟ ଓଡ଼ିଆ ଭାବେ ପଦ୍ମବିଭୁଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ । ସେ ଅନ୍ୟାନ ପୁରସ୍କାର ଭାବେ ନୃତ୍ୟଗୁରୁ କେଳଚ ଚରଣ ମହାପାତ୍ର ଓ କବି ସୀତାକା' ମହାପାତ୍ର ପୁରସ୍କାର ରେ ପୁରସ୍କୃତ ହୋଇଥିଲେ , ଏକାଡ଼େମୀର ଧର୍ମପଦ ପୁରସ୍କାର , ଶିଳ୍ପୀଗୁରୁ ସମ୍ମାନ , ଭରତମୁନି ସମ୍ମାନ ଓ ମହ୍ଲାର ପ୍ରଭୃତି ଅନ୍ୟାନ ବହୁ ପୁରସ୍କାର ରେ ପୁରସ୍କୃତ ହୋଇଛନ୍ତି । ୨୦୦୦ରେ ତାଙ୍କୁ ଆଇସିସିଆର ସଭ୍ୟ ଭାବେ ଭାରତ ସରକାର ମନୋନୀତ କରିଥିଲେ । ସେ ମଧ୍ୟ ଓଡ଼ିଶା ଲଳିତ କଳା ଏକାଡ଼େମିର ସଭାପତି ଭାବେ କାର୍ଯ୍ୟ କରିଥିଲେ । ଏହିଭଳି ପ୍ରତିଭାଧାରୀ ଙ୍କୁ ରାଷ୍ଟ୍ରପତି ରାଜ୍ୟସଭା କୁ ମନୋନିତ କରିଥିଲେ । ତାଙ୍କର ତିନିପୁଅ ଓ ଦୁଇଝିଅ । ତାଙ୍କ ଜୀବିତ ଅବସ୍ଥାରେ ସାନ ପୁଅକୁ ହରାଇଥିଲେ । ତାଙ୍କର ଅନ୍ତେଷ୍ଟିକ୍ରୟା ମଧ୍ୟରେ ଅନ୍ୟ ଦୁଇପୁଅ ଯଶୋବ' ଓ ପ୍ରଶା' କୋରୋନା ମହାମାରୀ ର କରାଳ ଗର୍ଭରେ ବିଲିନ ହୋଇ ଯାଇଥିଲେ । ଅଧୁରା ରହିଗଲା ଦ୍ୱିତୀୟ କୋଣାର୍କ ନିର୍ମାଣ ର ସ୍ୱପ୍ନ , ନିରବୀଗଲା ନିହଣର ମୁନ , କରୋନା ର କରାଳ ଛାୟାରେ ସବୁଦିନ ପାଇଁ ଲୁଚି ଗଲା ମହାନ୍ ସ୍ଥାପତ୍ୟ ଶିଳ୍ପୀ ତଥା ରାଜ୍ୟସଭା ସଂସଦ ରଘୁନାଥ ମହାପାତ୍ର ଙ୍କ ଅସୁମାରୀ ଆଶା ଓ ଆକଂାକ୍ଷ ମହାମାରୀ କରୋନାରେ ପିଡ଼ିତ ହୋଇ ୨୦୨୧ ମସିହା ମେ ମାସ ୯ ତାରିଖରେ ୭୮ ବର୍ଷ ବୟସରେଙ୍କ ଭୂବନେଶ୍ୱର ଏମସ୍ ହସ୍ପିଟାଲରେ ଚିକିତ୍ସିଧିନ ଅବସ୍ଥାରେ ତାଙ୍କର ଜୀବନ ପ୍ରଦୀପ ଅସ୍ତମିତ ହୋଇଗଲା । ଏହି ମହାନ ଶିଳ୍ପି ତାଙ୍କର ହାତର ସ୍ୱର୍ଶରେ ହଜାର ହଜାର ପଥର କୁ ଜୀବ' କରି ଗଢ଼ି ତୋଳିଥିଲେ । ଯାହା ଆଜି ମଧ୍ୟ ଜନ ମାନସକୁ ଆକର୍ଷଣ କରୁଛି । ତାଙ୍କର ପାର୍ଥିବ ଶରୀର ଆଜି ଆମ ଗହଣରେ ନାହିଁ ସତ , କିନ୍ତୁ ସେ ଯୁଗଯୁଗ ଧରି ତାଙ୍କର ସୃଷ୍ଟି ପଥରମୂର୍ତିରେ ଜୀବନ୍ତ ହୋଇ ରହିଛନ୍ତି । ରାଜ୍ୟ ତଥା ଦେଶର କଳା ଜଗତ ତାଙ୍କର ଅମ୍ଳାନ କୃତୀ କୁ ସଦାସର୍ବଦା ଚିରସ୍ମରଣୀୟ କରି ରଖିବ ।

ପାରାଦ୍ୱୀପ ଗଡ଼, କୁଜଙ୍ଗ,
ଜଗତସିଂହପୁର,
ମୋ-୯୯୩୭୬୯୧୪୭୫




# ବେଦାନ୍ତ ଆଲୁମିନିୟମ୍ ବିଜ୍‌ନେସ୍ ୨୦୨୦-୨୧ ଆର୍ଥିକ ବର୍ଷରେ ୧୬.୫ ବିଲିୟନ ଲିଟରେ ଜଳର ପୁନଃପ୍ରକ୍ରିୟା କରଣ କରିଛି

ଭୁବନେଶ୍ୱର : ଭାରତର ବୃହତ୍ ଆଲୁମିନିୟମ୍ ଉତ୍ପାଦନକାରୀ ଏବଂ ମୂଲ୍ୟଯୁକ୍ତ ଉତ୍ପାଦନ ପ୍ରସ୍ତୁତି କରୁଥିବା ବେଦାନ୍ତ ଆଲୁମିନିୟମ ବିଜ୍‌ନେସ୍ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷରେ ୧୬.୫ ବିଲିୟନ ଲିଟର ଜଳର ପୁନଃପ୍ରକ୍ରିୟା କରଣ କରାଯାଇଛି । ଜଳ ବ୍ୟବହାର ନିୟନ୍ତ୍ରଣ ଜ୍ଞାନକୌଶଳର ବ୍ୟବହାର କରାଯାଇ ଏହା ସମ୍ଭବ ହୋଇପାରିଛି । ବେଦାନ୍ତର ଆଲୁମିନା ରିଫାଇନାରୀ, ଆଲୁମିନିୟମ୍ ସ୍ମେଲଟର ଏବଂ ପାୱାର ପ୍ଲାଣ୍ଟ୍‌ରେ ଏହି ଜ୍ଞାନକୌଶଳ ଉପଯୋଗ କରାଯାଇ ଜଳ ସଂରକ୍ଷଣ ପ୍ରକଳ୍ପ ଦ୍ୱାରା ୭୦୦ ନିୟୁତ ଲିଟର ଜଳ ସଂରକ୍ଷିତ ହୋଇପାରିଛି । ବେଦାନ୍ତ ଆଲୁମିନିୟମ୍ ଅପରେଶନ୍ ବେଦାନ୍ତ ସସ୍ଟେନେବୁଲ୍ ଡେଭଲପମେଂଟ୍ ଫ୍ରେମ୍‌ୱାର୍କ ଦ୍ୱାରା ପରିଚାଳିତ ହେଉଛି । ଏଥିରେ ବୈଶୟିକ ଏବଂ ପରିଚାଳନା ମାନକ, ବୈଶ୍ୱିକ ସ୍ଥିରତା ପ୍ରବଂଧନର ମାର୍ଗଦର୍ଶିକାକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହା ଇଂଟରନ୍ୟାଶନାଲ ଫାଇନ୍ନାନ୍ସିଆଲ୍ କୋପୋରେଶନ, ଇଂଟରନ୍ୟାଶନାଲ କାଉନସିଲ୍ ଫର୍ ମାଇନିଂ ଏବଂ ମେଟାଲ, ଗ୍ଲୋବାଲ ରିପୋର୍ଟିଂ ଇନସିଏଟିଭ୍ ଆଦିକୁ ପ୍ରାଥମିକତା ପ୍ରଦାନ କରାଯାଇଛି । କମ୍ପାନୀର ଜଳ ପରିଚାଳନା ନୀତି ଏହାର ପୁନଃ ବ୍ୟବହାର ଏବଂ ଶୁନ୍ୟ ତରଳ ନିର୍ବହନ ଉପରେ ଗୁରୁତ୍ୱାରୋପ କରିଥାଏ । ଜାତିସଂଘର ୬ଠମ ସସ୍ଟେନେବୁଲ୍ ଡେଭଲପମେଂଟ୍ ଗୋଲ୍-କ୍ଲିନ୍ ୱାଟର ଆଣ୍ଡ ସାନିଟେଶନକୁ ପ୍ରତିପାଳନ ପାଇଁ ବେଦାନ୍ତ ପ୍ରତିଶ୍ରୁତିବଦ୍ଧ ।ଏହାର ଜାରି ରହିଥିବା ଜଳ ସଂରକ୍ଷଣ ପ୍ରକଳ୍ପ ସହିତ ସମ୍ପ୍ରତି ବେଦାନ୍ତ ଛାତ ଉପର ବର୍ଷାଜଳ ସଂଗ୍ରହ ପ୍ରଣାଳି ଆରମ୍ଭ କରିଛି । ଏହାର ଝାରସୁଗୁଡ଼ାସ୍ଥିତ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ୍‌ରେ ଏହା ଆରମ୍ଭ ହୋଇଛି ।



ଏହାର କ୍ଷମତା ୫୬,୦୦୦ଲିଟର ରହିଛି । ଏହା ବେଦାନ୍ତ ପ୍ଲାଣ୍ଟ୍‌ର ବିଭିନ୍ନ କାର୍ଯ୍ୟରେ ବ୍ୟବହୃତ ହେଉଛି । ବେଦାନ୍ତ ଓଡ଼ିଶା ସରକାରଙ୍କ ମୃତ୍ତିକା ସଂରକ୍ଷଣ ଏବଂ ଜଳବିଭାଜିକା ବିକାଶ ବିଭାଗ ମିଳିତ ସହଯୋଗରେ କାର୍ଯ୍ୟକରି ୧୯ଟି ଫାର୍ମ ପୋଖରୀ ଲୀଗଡ଼ ଅଂଚଳର ବିଭିନ୍ନ ଗାଁରେ ବିକଶିତ କରାଯାଇପାରିଛି । ଏହାଦ୍ୱାରା ସ୍ଥାନୀୟ ଚାଷୀ ଚାଷ ଜମିରେ ଜଳସେଚନ କରାଇବା ସହିତ ଏହା ମାଧ୍ୟମରେ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିଛି ।ଏହି ଅବସରରେ ବେଦାନ୍ତ ଆଲୁମିନିୟମ୍ ବିଜ୍‌ନେସ୍ ସିଇଓ ରାହୁଲ ଶର୍ମା କହିଲେ, ଆମେ ଜିରୋ ହାର୍ମ, ଜିରୋ ୱେଷ୍ଟ୍ ଏବଂ ଜିରୋ ଡିସଚାର୍ଜ ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛୁ । ଜଳ ସଂରକ୍ଷଣ ଲକ୍ଷ୍ୟ ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରିଛୁ । ଆମର ଜଳ ପରିଚାଳନା ମାନକ ଭବିଷ୍ୟତ ପରିବର୍ତନ ପାଇଁ ସକ୍ଷମ ହୋଇପାରିବ ।ବେଦାନ୍ତ ଆଲୁମିନିୟମ୍ ଜଳ ସଂରକ୍ଷଣକୁ ବ୍ୟାପକ କରିବାର ପ୍ରୟାସ ଜାରି ରଖିଛି । ଜଳ ପୁନଃ ପ୍ରକିୟାକରଣ ସହିତ ବ୍ୟବହୃତ ଜଳ ପୁଣି ଥରେ ବ୍ୟବହାର କାର୍ଯ୍ୟ ଜାରି ରହିଛି । ଏହାଦ୍ୱାରା ବିଶୁଦ୍ଧ ଜଳ ସଂରକ୍ଷଣ ହୋଇପାରୁଛି । ଏଥିପାଇଁ କମ୍ପାନୀ ପକ୍ଷରୁ କେତେକ ପଦକ୍ଷେପ ଗ୍ରହଣ କରାଯାଇଛି:- ଜଳ ତଦାରକ ମୁଲ୍ୟାଙ୍କନ କରିବା ଏହାର ସମସ୍ତ ବିଜ୍‌ନେସ୍ ୟୁନିଟ୍‌ରେ କାର୍ଯ୍ୟକାରି କରାଯାଉଛି । ଏହାଦ୍ୱାରା ପରିବେଶ, ସାମାଜିକସ୍ତରରେ ସକାରାତ୍ମକ ପ୍ରଭାବ ଅନୁଭୁତ ହେବା ସହିତ ଜିରୋ ଡିସ୍‌ଚାର୍ଜ ହୋଇପାରୁଛି । ସମସ୍ତ ପ୍ରକଳ୍ପରେ ଜଳ ପରିଚାଳନାକୁ ଅନ୍ତର୍ଭୁକ୍ତ କରାଯାଇଛି । ପ୍ରତି ବିଜ୍‌ନେସ୍ ୟୁନିଟ୍‌ରେ ନିରନ୍ତର ଅନ୍ ଲାଇନ୍‌ରେ ଜଳ ମାପଦଣ୍ଡର ତଦାରଖ କରାଯାଉଛି । ଜଳ ବିନିଯୋଗ ସମ୍ପର୍କରେ ନିୟମିତ ଅଡିଟ୍ ଏବଂ ଉପଯୁକ୍ତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇ ପ୍ରଦର୍ଶନ ବୃଦ୍ଧି କରାଯାଇପାରୁଛି । ପର୍ଯବେଶ୍ରୀ ନିୟନ୍ତ୍ରଣ ଏବଂ ଡାଟା ଅଧିଗ୍ରହଣ (ଏସ୍‌ସିଏଡିଏ) ପ୍ରଣାଳି ଦ୍ୱାରା ଜଳ ପାଇପ୍ ଭାଲବ୍‌ର ତଦାରଖ ଏବଂ ନିୟନ୍ତ୍ରଣ କରାଯାଉଛି । ବିଶୁଦ୍ଧ ଜଳ ବ୍ୟବହାର କମ୍ ସହିତ ଜଳ ପୁନଃ ପ୍ରକ୍ରିୟାକରଣ ଇଫ୍ଲ୍ୟୁଏଂଟ୍ ଟ୍ରିଟ୍‌ମେଂଟ୍ ପ୍ଲାଂଟ( ଇଟିପି), ଅଲ୍ଟ୍ରା ଫିଲଟ୍ରେଶନ(ୟୁଏଫ୍) ଏବଂ ରିଭର୍ସ ଅସମୋସିସ୍(ଆରଓ) ଇକ୍ୟୁପମେଂଟ୍ ଦ୍ୱାରା ସମ୍ପନ୍ନ କରାଯାଉଛି । ୱାଟର ସଫ୍ଟନର ଏବଂ ଉଚ୍ଚସ୍ତରିୟ ଉପଚାର ଦ୍ୱାରା ପୁନଃ ପ୍ରକ୍ରିୟାକରଣ ଜଳର ଗୁଣବତାରେ ବିକାଶ କରାଯାଇ ପାରୁଛି । ନିର୍ଦ୍ଦିଷ୍ଟ ଜଳ ଖର୍ଚ୍ଚ କମାଇବା ପ୍ରତ୍ୟେକ ବ୍ୟବସାୟିକ ସଂସ୍ଥା ପାଇଁ ଗୁରୁତ୍ୱପୂର୍ଣ୍ଣ, ପଦର୍ଶନ ସୂଚକାଙ୍କ (କେପିଆଇ) ପ୍ରତି ବିଜ୍‌ନେସ୍ ୟୁନିଟ୍‌ରେ ସ୍ଥାପନା କରାଯାଇଛି । କାର୍ଯ୍ୟ ସ୍ଥଳରେ ଜଳ ଭଂଡାର ସୃଷ୍ଟି କରାଯାଇ ଜଳସମ୍ପଦର ବିକାଶ ସମ୍ଭବ ହୋଇପାରୁଛି । ଖରାପ ପାଣିପାଗ ଏବଂ ଅଚାନକ ପ୍ରବଳ ବର୍ଷା ଭଳି ସ୍ଥିତିରୁ ସୁରକ୍ଷା ପାଇଁ ରେସପନ୍ସ ଯୋଜନା କାର୍ଯ୍ୟକାରୀ ହେଉଛି । ସ୍ଥାନୀୟ ବାସିନ୍ଦାଙ୍କୁ ବିଶୁଦ୍ଧ ପିଇବା ଜଳ ଯୋଗାଣ ବେଦାନ୍ତ ପକ୍ଷରୁ ଜାରି ରହିଛି । ଏହା ଗ୍ରୀଷ୍ମଋତୁରେ ଜଳ ସଙ୍କଟର ମୁକାବିଲା ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି । ଡ୍ରିପ୍-ଇରିଗେଶନ, ଟ୍ରେଡଲ ପମ୍ପ, ସୌରଚାଳିତ ପାୱାର ପମ୍ପ, ବର୍ଷାଜଳ ସଂରକ୍ଷଣ ,ପରକୋଲେଶନ ଟ୍ୟାଙ୍କ୍ ଆଦି ଦ୍ୱାରା ଚାଷୀଙ୍କୁ ସହାୟତା ଯୋଗାଇ ଦିଆଯାଉଛି । କମ୍ପାନୀ ପକ୍ଷରୁ ଟ୍ୟୁବ୍ ୱେଲ, ବୋର୍ ୱେଲ୍, ପୋଖରୀ, ପରକୋଲେଶନ ଟ୍ୟାଙ୍କ୍ ଆଦି ଦ୍ୱାରା ସ୍ଥାନୀୟ ବାସିନ୍ଦାଙ୍କୁ ଘରୋଇ ବ୍ୟବହାର ଲାଗି ପିଇବା ପାଣି ସହିତ ଜଳସେଚନ ସୁବିଧା ଉପଲବ୍ଧ କରାଯାଉଛି । ବେଦାନ୍ତ ଆଲୁମିନିୟମ୍ ବିଜ୍‌ନେସ୍ ବେଦାନ୍ତ ଲିମିଟେଡ୍‌ର ଅଂଶବିଶେଷ । ଏହା ଭାରତର ପ୍ରାୟ ଅଧା ଆଲୁମିନିୟମ୍ ଉତ୍ପାଦନ କରିଥାଏ । ୨୦୨୧ ଆର୍ଥିକ ବର୍ଷରେ ଏହାର ପରିମାଣ ବାର୍ଷିକ ୧.୯୬ ନିୟୁତ ଟନ୍ ରହିଛି । ଏହା ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦ ପ୍ରସ୍ତୁତିରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ୍ ସ୍ମେଲଟର, ପାୱାର ପ୍ଲାଂଟ୍ ଏବଂ ଆଲୁମିନା ରିଫାଇନାରୀ ଭାରତର ବିଭିନ୍ନ ଅଂଚଳରେ ରହିଛି । ଆଲୁମିନିୟମ୍‌କୁ ଭବିଷ୍ୟତର ମେଟାଲ ଭାବେ ପ୍ରତିପାଦିତ କରି ଏକ 'ଗ୍ରୀନର ଟୁମୋରୋ' ଗଠନ ପାଇଁ ବେଦାନ୍ତ ପ୍ରୟାସ ଜାରି ରଖିଛି ।

## ମୋ ସ୍କୁଲ ଅଭିଯାନ, ୧୨୦୦ ଚାରାରୋପଣ

ନୂଆପଡା:ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ରିଷିଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୋ ସ୍କୁଲ ଅଭିଯାନ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଖଡିଆଳ ବିଡିଓ ନାରାୟଣ ସାହୁ, ସମ୍ମାନୀତ ଅତିଥି ଭାବରେ ଖଡିଆଳ ଅତିରିକ୍ତ ତହସିଲଦାର ଭୂପିନ୍ଦର ସିଂ, ଖଡିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗଦୀଶ ପ୍ରସାଦ ଖମାରୀ, ଖଡିଆଳ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ, ଅତିରୀକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ ପତି ଓ ବୋଳଧର ନାଗ, ସରପଚଂ ମାଳ୍ୟବନ୍ତ ସୁନା, ଫରେଷ୍ଟର କ୍ଷମାନିଧି ଶବର, ଫରେଷ୍ଟଗାର୍ଡ ସୁନିତା ମହାନ୍ତି, ହେମନ୍ତ ଦଳପତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାର୍ତିକ ଚନ୍ଦ୍ର କୁଳଦୀପ, ଶିକ୍ଷାବିତ ଗଙ୍ଗାଧର ସିଂବାବୁ, ନୃପରାଜ ସିଂ ବାବୁ, କ୍ଷିରଧର ସୋନି, ହେମନ୍ତ ସିଂ ବାବୁ, ତବିରାଜ ତାଣ୍ଡି, ଗୌରୀ ସିଂ ବାବୁ, ମାଧବୀ ତାଣ୍ଡି, ଅରୁଣା ସେଠୀ, ସୁବୋଧ ସିଂ ବାବୁ, ଯୁଧିଷ୍ଠିର ମେହେର, ଚନ୍ଦ୍ର ଶେଖର ଜାନୀ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସମେତ ଗ୍ରାମବାସୀ ବୃନ୍ଦ ଚାରା ରୋପଣରେ ସହଯୋଗ କରିଥିଲେ । ଏହି ଅବସରରେ ରିଷିଗାଁ ପଚ୍ଛପଟ ପଡିଆରେ ୧୨ ଶହ ଚାରା ରୋପଣ କରାଯାଇଥିଲା ।

# ଶ୍ରମିକ ସଂଗଠନ ତରଫରୁ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଦର ବୃଦ୍ଧି ବିରୋଧରେ କଂଗ୍ରେସ ଦଳ ଓ ବାମପନ୍ଥି ଦଳଙ୍କ ଆନ୍ଦୋଳନକୁ ଦୃଢ଼ ସମର୍ଥନ

ଭୁବନେଶ୍ୱର : ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଅହେତୁକ ଦର ବୃଦ୍ଧି ହେତୁ ସାରା ଦେଶରେ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ସାଧାରଣ ଜନତାଙ୍କୁ ଅଧିକ ବାଧୁଛି । ଆନ୍ତର୍ଜାତିକ ବଜାରରେ ୨୦୧୪ ମସିହା ତୁଳନାରେ ଅଶୋଧିତ ତୈଳର ମୂଲ୍ୟ କମ୍ ଥିବାବେଳେ କେନ୍ଦ୍ର ସରକାରଙ୍କ ଅତ୍ୟଧିକ ଶୁଳ୍କ ଓ ରାଜ୍ୟ ସରକାରଙ୍କର ମୂଲ୍ୟଯୁକ୍ତ କର ର ଅହେତୁକ ବୃଦ୍ଧି ହେତୁ ପେଟ୍ରୋଲ, ଡ଼ିଜେଲ ଦର ଆମର ପଡୋଶି ରାଜ୍ୟ ପାକିସ୍ତାନ, ନେପାଳ, ବାଙ୍ଗାଲାଦେଶ, ଶ୍ରୀଲଙ୍କା ଅପେକ୍ଷା ଯଥେଷ୍ଟ ଅଧିକ । ୨୦୧୪ ମସିହାରେ ଡ଼ିଜେଲ ଲିଟର ପିଛା ୬୩ ଟଙ୍କା ଓ ପେଟ୍ରୋଲ ଲିଟର ପିଛା ୭୨ ଟଙ୍କା ବିକ୍ରି ହେଉଥିବାବେଳେ ଡ଼ିଜେଲ ଓ ପେଟ୍ରୋଲ ଉପରେ ମାତ୍ର ୯.୪୮ ପଇସା ଓ ୩.୫୬ ପିଇସା କେନ୍ଦ୍ରୀ ଶୁଳ୍କ ଆଦାୟ କରାଯାଉଥିବାବେଳେ ଏବେ ଲିଟର ପେଟ୍ରୋଲ ଉପରେ ଟ. ୩୨.୯୦ ପଇସା ଓ ଡିଜେଲ ଲିଟର ପିଛା ଟ. ୩୧.୮୦ ପଇସା କେନ୍ଦ୍ରୀୟ ଶୁଳ୍କ ଆଦାୟ କରାଯାଉଥିବାବେଳେ ଆମ ରାଜ୍ୟ ସରକାର ଟ. ୨୩.୪୦ ଓ ଡିଜେଲ ଉପରେ ଟ. ୨୦.୮୦ ପଇସା ମୂଲ୍ୟ ଯୁକ୍ତ କରି ଆଦାୟ କରୁଥିବାରୁ ଡିଜେଲ, ପେଟ୍ରୋଲ ଓ ଗ୍ୟାସର ଦର ଅଧିକ ବୃଦ୍ଧି ଘଟୁଛି । ସାରା ଦେଶରେ କୋଭିଡ୍ - ୧୯ ସଂକ୍ରମଣ ପରିସ୍ଥିତିରେ ଜୀବନ, ଜୀବିକା ହରାଇ ଆତଙ୍କିତ ଅବସ୍ଥାରେ ଥିବା ସମୟରେ କେନ୍ଦ୍ରର ବି.ଜେ.ପି ସରକାର ଓ ରାଜ୍ୟର ବି.ଜେ.ଡ଼ି ସରକାର ଟିକସ ବୃଦ୍ଧି କରି ଗରିବ ଜନତାଙ୍କୁ ଶୋଷଣ କରୁଛନ୍ତି । ଡ଼ିଜେଲ, ପେଟ୍ରୋଲ ଏବଂ ଗ୍ୟାସକୁ ଜି.ଏସ୍.ଟି ଅନ୍ତର୍ଭୁକ୍ତ କରାଗଲେ ଏହି ଦର ବୃଦ୍ଧିକୁ ରୋକାଯାଇପାରିବ । ଏଣୁ ତୈଳଜାତ ଦ୍ରବ୍ୟ ଉପରେ କେନ୍ଦ୍ର ଶୁଳ୍କ ଓ ରାଜ୍ୟର ଭ୍ୟାଟକୁ ସଂପୂର୍ଣ୍ଣ ପ୍ରତ୍ୟାହର କରି ଜି.ଏସ୍.ଟି ଲାଗୁ କରିବା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି ଓ ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆ ଦୃଢ଼ ସମର୍ଥନ କରୁଛନ୍ତି ।ଏଣୁ ପେଟ୍ରୋଲ, ଡିଜେଲ ଓ ଗ୍ୟାସ ବିରୁଦ୍ଧରେ କଂଗ୍ରେସ ଦଳ ତରଫରୁ ୭ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଦିଆଯାଉଥିବା ଆନ୍ଦୋଳନ, କାର୍ଯ୍ୟକ୍ରମ ଏବଂ ବାମପନ୍ଥି ଦଳ ମାନଙ୍କ ତରଫରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଆହ୍ୱାନକୁ ସମସ୍ତ ଶ୍ରମିକ କର୍ମଚାରୀ ତରଫରୁ ଦୃଢ଼ ସମର୍ଥନ କରାଯାଇଛି । ଏଣୁ ସମସ୍ତ ଶ୍ରମିକ କର୍ମଚାରୀ କଂଗ୍ରେସ ଦଳର ତରଫରୁ ଦିଆଯାଇଥିବା ସମସ୍ତ ଆନ୍ଦୋଳନ ଓ କାର୍ଯ୍ୟକ୍ରମ ଓ ୧୫ ତାରିଖରେ ବାମ ପନ୍ଥି ଦଳ ତରଫରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରାକୁ ସମର୍ଥନ କରି ସଂପୂର୍ଣ୍ଣ ସହଯୋଗ କରିବା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି ଓ ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆ ଆହ୍ୱନ ଦେଇଛନ୍ତି ।

# ଜାତୀୟ ରାଜପଥ କଡରେ ଦେଶି ମଦଭାଟି ଓ ବିଦେଶୀ ମଦ ଦୋକାନ

ନୂଆପଡା:ନୂଆପଡା ଜିଲ୍ଲାର ପ୍ରମୁଖ ସହର ଖଡିଆଳ ହୋଇଥିବା ବେଳେ ଏଠାରେ ମଦ କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ହେଲେ ପ୍ରଶାସନିକ କ୍ଷେତ୍ରରେ ବିହୀତ ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଏହି ମଦ କାରବାର କମିବା ବଦଳରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ସହରର ବିଭିନ୍ନ ୱାର୍ଡ, ଛକ ମାନଙ୍କରେ ମଦ କୋଠି ମାନ ରହିଥିବା ବେଳେ ସହରର ଅନେକ ହୋଟେଲ ମାନଙ୍କରେ ମନମୁଖି ଭାବରେ ମଦ ବିକ୍ରୟ ହେଉଛି । ଏପରିକି ରାୟପୁର-ଗୋପାଲପୁର ୩୫୩ ନଂ ଜାତୀୟ ରାଜପଥର ଖଡିଆଳ ସହର ଭିତରେ ମଦଭାଟି ଏବଂ ବ୍ଲକ ଛକ ପାଖରେ ବିଦେଶୀ ମଦ ବିକ୍ରୟ କେନ୍ଦ୍ର ରହିଛି । ଫଳରେ ସାଧାରଣରେ ଅସନ୍ତୋଷ ଦେଖାଦେଇ ଭାଟି ଏବଂ ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତର କରିବାକୁ ଦାବୀ ହେଉଛି । ଦୀର୍ଘ ବର୍ଷରୁ ଦାବୀ ହୋଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସହରର ବୋଡେନ ଛକ ନିକଟରେ ଦୀର୍ଘ ବର୍ଷରୁ ମଦଭାଟି ରହିଥିବା ବେଳେ ଏହି ଭାଟିରୁ ମଦ ତିଆରି ହୋଇ ଅଞ୍ଚଳର ବିଭିନ୍ନ ଭାଟି ମାନଙ୍କୁ ଯାଇ ମଦ ବିକ୍ରୟ ହେଉଛି । ଏହି ଜାତୀୟ ରାଜପଥ ଦେଇ ସହରର ଅନେକ ଦୋକାନ, ପ୍ରତିଷ୍ଠାନ, ସ୍କୁଲ, କଲେଜ ରହିଥିବା ବେଳେ ପ୍ରତ୍ୟେହ ଶତାଧିକ ଲୋକ ଯିବା ଆସିବା କରିଥାନ୍ତି । ହେଲେ ଜିଲ୍ଲାର ଅବକାରୀ ବିଭାଗ ଦୃଷ୍ଟି ଦେଉନଥିବାରୁ ମଦ କୋଠୀ ଅନ୍ୟତ୍ର ସ୍ଥାନାନ୍ତର କରାଯାଉନାହିଁ । ସେହିପରି ସହରର ବ୍ଲକ ଛକ ନିକଟରେ ଏକ ବିଦେଶୀ ମଦ ଦୋକାନ ରହିଥିବା ବେଳେ ଏହି ମଦ ଦୋକାନକୁ ମଧ୍ୟ ସ୍ଥାନାନ୍ତର ନେଇ ଦାବୀ ହେଉଛି । ତଥାପି ପ୍ରଶାସନିକ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜିବୀ ମହଲରେ ଦାବୀ ହେଉଛି ।

## ବିଦ୍ୟୁତ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଦୁଇ ବଳଦ ମୃତ

ନୂଆପଡା: ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଖୁଦପେଜ ପଞ୍ଚାୟତର ମହୁଲମୁଣ୍ଡା ଗ୍ରାମରେ ୨ ଗୋଟି ବଳଦ ୬୪ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ମୃତ୍ୟୁ ମୃତ୍ୟୁବରଣ କରିଛନ୍ତି । ସୂଚନା ଅନୁସାରେ ମହୁଲମୁଣ୍ଡା ଗ୍ରାମର ଶିବ ରଣାଙ୍କର ୨ ଗୋଟି ବଳଦ ସୋମବାର ସକାଳ ସମୟରେ ଘାସ ଖାଉଥିବା ବେଳେ ୬୪ କେଭି ବିଦ୍ୟୁତ ଟ୍ରାନ୍ସଫର୍ମରରେ ଥିବା ଆର୍ଥିଂରେ ଗୋଡ ଲାଗି ଯାଇଥିଲା । ଯାହାଫଳରେ ଘଟଣା ସ୍ଥଳରେ ୨ ଗୋଟି ବଳଦଙ୍କ ମୃତ୍ୟୁ ହୋଇଯାଇଥିଲା । ବିଦ୍ୟୁତ ବିଭାଗ ପକ୍ଷରୁ ବାଡ ଦେବାର ବ୍ୟବସ୍ଥା କରିନଥିବାରୁ ଅକାରଣରେ ବଳଦ ଦ୍ୱୟର ମୃତ୍ୟୁ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

# ଆସନ୍ତା ଜୁଲାଇ ୧୫ ବାମଦଳର ଓଡ଼ିଶା ବନ୍ଦ ଡାକରାକୁ ଯାଜପୁର ଜିଲ୍ଲା କଂଗ୍ରେସର ସମର୍ଥନ

ଯାଜପୁର: ଆସନ୍ତା ଜୁଲାଇ ୧୫ ତାରିଖ ଶୁକ୍ରବାର ଦିନ ୪ ଗୋଟି ବାମଦଳ ତରଫରୁ ସକାଳ ୬ଘଟିକା ରୁ ୧୨ ଘଟିକା ପର୍ଯ୍ୟନ୍ତ ୬ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରାକୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସମର୍ଥନ କରାଯିବା ସହିତ ପ୍ରତ୍ୟେକ ପେଟ୍ରୋଲ ପମ୍ପରୁ ଉକ୍ତ ଦିନ ତେଲ ଓ ଗ୍ୟାସ ଡିପୋରୁ ରନ୍ଧନ ଗ୍ୟାସ ନ କିଣିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି । କେନ୍ଦ୍ରରେ ମୋଦି ଓ ରାଜ୍ୟରେ ନବୀନ ସରକାର ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଉପରେ ଅହେତୁକ ଟିକସ ବୃଦ୍ଧି କରିବା ଯୋଗୁଁ ଜନସାଧାରଣ ଅତିଷ୍ଠ ହୋଇ ପଡିଲେଣି । ଡିଜେଲ ଦର ବୃଦ୍ଧି ପାଇବା ଦ୍ୱାରା ମାଲ ପରିବହନ କ୍ଷେତ୍ରରେ ଭଡା ବୃଦ୍ଧି ପାଇବା ଯୋଗୁ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଯଥା- ଖାଇବା ତେଲ, ଡାଲି, ମସଲାର ଆକାଶ ଛୁଆଁ ହେଲାଣି । ସବସିଡିରେ ମିଳୁଥିବା ରନ୍ଧନ ଗ୍ୟାସର ଦର ସିଲିଣ୍ଡର ପିଛା ହଜାର ଟଙ୍କା ଛୁଇଁଲାଣି । ସର୍ବଭାରତୀୟ ସ୍ତରରେ ଏଆଇସିସି ଅଧ୍ୟକ୍ଷା ମାନନୀୟା ସୋନିଆ ଗାନ୍ଧୀ ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଜୁଲାଇ ୭ ରୁ ୧୭ ତାରିଖ ପର୍ଯ୍ୟନ୍ତ ବନ୍ଦ ପାଳନ ପରିପ୍ରେକ୍ଷୀରେ ଆନ୍ଦୋଳନ ବିକ୍ଷୋଭ, ଧାରଣା ଓ ସାଇକେଲ ରାଲି ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ପର୍ଯ୍ୟାୟକ୍ରମେ କରାଯାଉଛି । ଆଗାମୀ ଜୁଲାଇ ୧୫ ତାରିଖରେ ଯାଜପୁରର ପ୍ରତ୍ୟେକ ଜନସାଧାରଣ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ନ କିଣିବା ପାଇ ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ ଯାଜପୁରର ସମସ୍ତ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ଏ ବାବଦରେ ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ, ପୂର୍ବତନ ପୌରାଧକ୍ଷ ଆଲୋକ ବେହେରା, ଜିଲ୍ଲା କଂଗ୍ରେସ ଉପସଭାପତି ବିଭୂତି ମହାପାତ୍ର, ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତ, ଜିଲ୍ଲା ଦଳିତ କଂଗ୍ରେସ ସେଲ୍ ଆବାହକ ଦୁର୍ଯ୍ୟୋଧନ ବେହେରା, ଜିଲ୍ଲା କଂଗ୍ରେସ ସାଧାରଣ ସଂପାଦକ ହୃଷୀକେଶ ପତି, ପି.ସି.ସି. ସଂପାଦକ ଭାସ୍କର ମହାନ୍ତି, ଅକ୍ଷୟ ଶତପଥି, ନିକୁଞ୍ଜ ସାମଲ, ଅମୂଲ୍ୟ ବିଶ୍ୱାଳ, ନିତାଇ ଚନ୍ଦ୍ର ମହାନ୍ତି, ଗୋବିନ୍ଦ ଚନ୍ଦ୍ର ସାହୁ, ବିଦ୍ୟାଧର ବାରିକ, ବିଜୟ କୁମାର ମହାପାତ୍ର ପ୍ରମୁଖ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ବନ୍ଦକୁ ସଫଳ କରିବା ପାଇଁ ଯାଜପୁରର ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

# ଯାଜପୁରର ଶ୍ରୀଜଗନ୍ନାଥ ମନ୍ଦିରରେ ଭକ୍ତ ଶୂନ୍ୟ ଶ୍ରୀଗୁଣ୍ଡିଚା

ଯାଜପୁର: ଯାଜପୁର ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀଗୁଣ୍ଡିଚା ଉତ୍ସବ ଭକ୍ତ ଶୂନ୍ୟ ଓ ନିରାଡମ୍ବର ଭାବରେ ପାଳିତ ହୋଇଯାଇଛି । ଚଳିତ ବର୍ଷ କୋଭିଡ ମହାମାରୀ ଯୋଗୁ ମାନ୍ୟବର ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଓ ପ୍ରଶାସନିକ କଟକଣା ହେତୁ ପୁରୀକୁ ଛାଡି ଅନ୍ୟ କେଉଁଠାରେ ବିଶ୍ୱବନ୍ଦିତ ଶ୍ରୀଜୀଉମାନଙ୍କର ଘୋଷଯାତ୍ରା ଅନୁଷ୍ଠିତ ହୋଇ ପାରିବ ନାହିଁ ବୋଲି ଆଇନ ଜାରି ହୋଇଥିବାରୁ ଯାଜପୁରରେ ରଥ ନିର୍ମାଣକୁ ବାତିଲ କରାଯାଇଥିଲା । ଶ୍ରୀଗୁଣ୍ଡିଚା ମନ୍ଦିରକୁ ମଧ୍ୟ ଆଜି ତିନିରଥ ଟଣା ହୋଇ ପହଞ୍ଚିବା ସେଥିପାଇଁ ସମ୍ଭବ ହୋଇ ପାରିଲା ନାହିଁ । ଶ୍ରୀଜୀଉମାନଙ୍କର ପ୍ରାତଃ ସମୟରେ ମଙ୍ଗଳା ଆଳତୀ, ସାକଳ ଧୂପ, ସ୍ନାନ, ବସ୍ତ୍ର ଓ ଅଙ୍ଗଭୂଷଣ ଓ ତୁଳସୀ ଦୟଣା ମାଲ୍ୟରେ ବଡସିଂହାର ବେଶ କରାଯାଇ ଉପଚାର ପୂଜା, ଅନ୍ନନୀତି ଆଳତୀ, ଚାମର ପ୍ରଦାନ ପୂର୍ବକ ପ୍ରଭୁଙ୍କର ମଧାହ୍ନ ନୀତିକାନ୍ତି ପରେ ଅବକାଶ ନୀତି ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ପୂର୍ବରୁ ପୁରୋହିତ ଓ ସେବାୟତ ମାନେ ପ୍ରଭୁଙ୍କର ଆଜ୍ଞାମାଳ ଓ ଆଶାବାଡ଼ି ମହନ୍ତ ପ୍ରଶାନ୍ତ କୁମାର ଦାଶଙ୍କୁ ଅର୍ପଣ କରିବା ସହିତ ତାଙ୍କ ମସ୍ତକରେ ପଗଡିବାନ୍ଧିଥିଲେ । ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ତଥା ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ଅତିରିକ୍ତ ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାଶଙ୍କୁ ଆଜ୍ଞାମାଳ ଓ ପଗଡି ପ୍ରଦାନ କରାଯିବା ସହ କେବଳ ଚକ୍ରରାଜ ସୁଦର୍ଶନଙ୍କୁ ଦଇତା ଓ ପୂଜକମାନେ ମହନ୍ଦି ବାହାର ପିଣ୍ଡିକୁ ଆଣି କିଛି ସମୟ ପରେ ମନ୍ଦିର ଭିତରକୁ ନେଇ ବିଧି ରକ୍ଷା କରିଥିଲେ । ମନ୍ଦିରକୁ ଆଲୋକ ସଜ୍ଜା କରାଯାଇଥିଲା । ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଥିବାରୁ ମନ୍ଦିର ପରିସର ଓ ବାହାର ଭକ୍ତ ଶୂନ୍ୟ ରହିଥିଲା । ସନ୍ଧ୍ୟା ଆଳତୀ, ଭୋଗ ନୈବିଦ୍ୟ, ଚାମର ସେବା ପରେ ପ୍ରଭୁଙ୍କର ପହୁଡ କରାଯାଇ ଶ୍ରୀଗୁଣ୍ଡିଚା ନୀତି ସମାପିତ ହୋଇଥିଲା । ଟ୍ରଷ୍ଟବୋଡ ମେମ୍ବର ସନ୍ତୋଷ ନନ୍ଦ, ଆଡ୍‌ଭୋକେଟ୍ ପ୍ରଭୁଦତ୍ତ ମହାନ୍ତି, ମୁଖ୍ୟ ପରୋଧା ହୃଷିକେଶ ପତି, ପୁରୋହିତ ହୃଦାନନ୍ଦ ପତିଶର୍ମା, ଜଗନ୍ନାଥ ପାଣି, ବାସୁଦେବ ପାଣି, ଅନନ୍ତ ବାସୁଦେବ ପାଣି, ସୁଦର୍ଶନ ପାଣି, ଚନ୍ଦ୍ରଶେଖର ପାଣି, ମହେଶ୍ୱର ପାଣି, ରଂଜନ ପାଣି, ଦଇତା ପତି କୃପାସିନ୍ଧୁ ସାମନ୍ତ, ଉମାକାନ୍ତ ସାମନ୍ତ, କାଠିଆ ସାମନ୍ତ, ଗୁଦନ ସାମନ୍ତ ପ୍ରମୁଖ ଶ୍ରୀଗୁଣ୍ଡିଚା ଉତ୍ସବରେ ଉପସ୍ଥିତ ଥିଲେ ।

# କେନ୍ଦ୍ରାପଡ଼ାର ଥ୍ରୀ ଡି ପାଠାଗାର ରାଜ୍ୟରେ ପ୍ରଥମ



କେନ୍ଦ୍ରାପଡ଼ା : ରାଜ୍ୟର ପ୍ରଥମ ଥ୍ରୀ ଡି ପାଠାଗାର କେନ୍ଦ୍ରାପଡ଼ାରେ ନିର୍ମାଣାଧିନ ରହିଛି । ପାଠାଗାରର କାନ୍ଥରେ ଥ୍ରୀ ଡି ରଙ୍ଗ ଲେପନ ହେଉଛି । କାନ୍ଥରେ ବହି, ବହି ର୍ୟାକ, ଛାତ୍ରଛାତ୍ରୀମାନେ ପାଠ ପଢୁଥିବାର ଦୃଶ୍ୟକୁ ଖୁବ ସୁନ୍ଦର ଭାବେ ଅଙ୍କନ କରାଯାଇଛି । କାନ୍ଥକୁ ଦେଖିଲେ ଲାଗୁଛି ଯେମିତି ଛାତ୍ରଛାତ୍ରୀମାନେ ବସି ପାଠ ପଢୁଛନ୍ତି । ଏଥିସହିତ ର୍ୟାକରେ ପୁସ୍ତକମାନ ରଖାଯାଇଛି । ଏହି କନସେପ୍ଟ ତେଲେଙ୍ଗାନାରୁ ଆଣିଛନ୍ତି ପୌରପାଳିକାର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ । ଶ୍ରୀ ବଳ କହିଛନ୍ତି ଯେ ଏହି ପାଠାଗାର ନିର୍ମାଣ ସରିବା ପରେ ଏହା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନାମରେ ନାମକରଣ କରାଯିବ । ଏହି ପାଠାଗାରରେ ପ୍ରାୟ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ପାଠାଗାରରେ ୫୦ ହଜାରରୁ ଅଧିକ ପୁସ୍ତକ ମଧ୍ୟ ରହିବ । ସେହିପରି ପାଠାଗାରକୁ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ କରାଯାଇ ପରିପୂର୍ଣ୍ଣ କରାଯିବ । ସେହି ପାଠାଗାରରେ କମ୍ପ୍ୟୁଟର ଏବଂ ୱାଇ ଫାଇର ବ୍ୟବସ୍ଥା ସଂଯୋଗ କରାଯିବ । ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅଂଶଗ୍ରହଣ କରିବା ପାଇଁ ଆବଶ୍ୟକ ପାଠ୍ୟ ପୁସ୍ତକ ରହିବ ଏହି ପାଠାଗାରରେ । ଫଳରେ ଛାତ୍ରଛାତ୍ରୀମାନେ ପାଠାଗାରରେ ବସି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜକୁ ସଂପୂର୍ଣ୍ଣ ରୂପେ ପ୍ରସ୍ତୁତ କରିପାରିବେ । ପୂର୍ବରୁ ଛାତ୍ରଛାତ୍ରୀମାନଙ୍କୁ ଏହି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ନିମନ୍ତେ ଜିଲ୍ଲା ବାହାରକୁ ବା ରାଜ୍ୟ ବାହାରକୁ ଯିବାକୁ ପଡୁଥିଲା । ହେଲେ ଏହି ଅତ୍ୟାଧୁନିକ ପାଠାଗାରର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବା ପରେ ଛାତ୍ରଛାତ୍ରୀମାନେ ଏହି ସୁଯୋଗ କେନ୍ଦ୍ରାପଡାରେ ପାଇ ପାରିବେ । ତେଣୁ ସେମାନଙ୍କୁ ଆଉ ଜିଲ୍ଲା ବାହାରକୁ କିମ୍ବା ରାଜ୍ୟ ବାହାରକୁ ଯିବାକୁ ପଡିବ ନାହିଁ ବୋଲି ପୌରନିର୍ବାହୀ ଅଧିକାରୀ ଶ୍ରୀ ବଳ ସୂଚନା ଦେଇଛନ୍ତି ।

# ଗୋପବନ୍ଧୁ ବୀମା ୨ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି ଦାବୀ

ନୂଆପଡା: ନୂଆପଡା କୋଭିଡ କଟକଣା ଯୋଗୁଁ ଓଡିଶା ସାମ୍ବାଦିକ ୟୁନିୟନର ଏକ ଭର୍ଚୁଆଲ ବୈଠକ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଜାତୀୟ ସମ୍ବାଦିକର ସଭାପତି ରାଜବିହାରୀ ଓୟୁଜେ କାର୍ଯ୍ୟକାରିଣୀ ବୈଠକକୁ ସମ୍ବୋଧନ କଲାପରେ ଓୟୁଜେର ସାଧାରଣ ସମ୍ପାଦକ ଅଶୋକ ନନ୍ଦ ବିବରଣୀ ପ୍ରଦାନ କରିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଉକ୍ତ ବୈଠକରେ ରାଜ୍ୟ ନେତୃବର୍ଗଙ୍କ ସହ ବିଭିନ୍ନ ଜିଲ୍ଲାର କର୍ମକର୍ତାଙ୍କ ସହ ନୂଆପଡା ଜିଲ୍ଲାର କାର୍ଯ୍ୟକର୍ତା ପ୍ରତିନିଧିତ୍ୱ କରି ନିଜର ମତବ୍ୟକ୍ତ ପ୍ରଦାନ କରିଥିଲେ ।ଉକ୍ତ ବୈଠକରେ ସାମ୍ବାଦିକ ମାନଙ୍କ ପାଇଁ ଉଦ୍ଦିଷ୍ଟ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ୨ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ଦାବୀ କରିବା ସହ ବିଶେଷ କରି ସମସ୍ତ ସାମ୍ବାଦିକ ମାନଙ୍କ ପାଇଁ ରାଜ୍ୟ ସରକାର ପେନସନ ବ୍ୟବସ୍ଥା କରିବା ପାଇଁ ଦାବି ହୋଇଥିଲା । ଏହା ସହ ସାମ୍ବାଦିକ ମାନଙ୍କ ପାଇଁ ରେଳଯାତ୍ରାରେ ରିହାତି ପାଇଁ ପୁନର୍ବାର ଦାବୀ କରିବା ସହ ଏଥି ସକାଶେ ନୂତନ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଟୁଇଟର ମାଧ୍ୟମରେ ରାଜ୍ୟ ସଭାପତି ପ୍ରଶନ୍ନ ମହାନ୍ତି ଦୃଷ୍ଟି ଆକର୍ଷଣ କରାଯାଇଥିଲା । ରାଜ୍ୟ ସଭାପତି ରେଳମନ୍ତ୍ରୀଙ୍କୁ ଟ୍ୱିଟରରେ ଅନୁରୋଧ କରିଥିଲେ । ଏଥିସହ ଆସନ୍ତା ବର୍ଷ ଓୟୁଜେର ସୁବର୍ଣ୍ଣ ଜୟନ୍ତୀ ପାଳନ ହେବାକୁ ଥିବା ବେଳେ କିପରି ସୁରୁଖୁରୁରେ ପାଳନ କରାଯିବ ସେ ଉପରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା ।

# ଏୟାରପୋର୍ଟ ଯାଇ ଦ୍ରୌପଦୀ ମୁର୍ମୁଙ୍କୁ ବିଦାୟ ଦେଲେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ

ରାଂଚି:ଝାଡ଼ଖଣ୍ଡ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ ରାଂଚିରୁ ଓଡ଼ିଶା ପ୍ରସ୍ଥାନ କରିଛନ୍ତି । ତାଙ୍କୁ ବିଦାୟ ଦେବା ପାଇଁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ ତାଙ୍କର ପତ୍ନୀ କଳ୍ପନା ସୋରେନ ଏୟାରପୋର୍ଟ ଯାଇଥିଲେ । ଏହି ସମୟରେ ଝାଡ଼ଖଣ୍ଡ ମୁଖ୍ୟ ଶାସନ ସଚିବ ସୁଖଦେବ ସିଂହ, ଡିଜିପି ନୀରଜ ସିହ୍ନା, ବନ୍ଦନା ଦାଦେଲଙ୍କ ସହିତ ଅନେକ ଉପସ୍ଥିତ ଥିଲେ । ଏୟାରପୋର୍ଟରେ ରାଜ୍ୟପାଳ ସମସ୍ତଙ୍କ ସହ କଥାବାର୍ତା କରିଥିଲେ ।ଏହା ପୂର୍ବରୁ ଝାଡ଼ଖଣ୍ଡ ସରକାର ରାଜ୍ୟପାଳ ଦ୍ରୌପଦୀ ମୁର୍ମୁଙ୍କ ସମ୍ମାନ ପାଇଁ ରବିବାର ଦିନ ବିଦାୟ ସମାରୋହର ଆୟୋଜନ କରିଥିଲେ । କାଂକେ ରୋଡ୍ ଠାରେ ଥିବା ମୁଖ୍ୟମନ୍ତ୍ରୀଙ୍କ ବାସଭବନ ମଧ୍ୟରେ ଆୟୋଜିତ ହୋଇଥିବା ସମାରୋହରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ବ୍ୟତୀତ ବିଧାନସଭା ଅଧ୍ୟକ୍ଷ ରବୀନ୍ଦ୍ର ନାଥ ମହତୋ, ମନ୍ତ୍ରୀ ରାମେଶ୍ୱର ଉରାଂବ, ଆଲମଗିର ଆଲମ, ମିଥିଲେଶ କୁମାର ଠାକୁର, ବାଦଲ, ସତ୍ୟାନନ୍ଦ ଭୋକ୍ତା, ବନ୍ନା ଗୁପ୍ତା ପ୍ରମୁଖ ଫୁଲତୋଡ଼ା ସହିତ ଭାବପୂର୍ଣ୍ଣ ବିଦାୟ ଦେଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁଙ୍କୁ କହିଥିଲେ କି ସେ ଜଣେ ଉତମ ରାଜ୍ୟପାଳର ଉଦାହରଣ ଦେଇଛନ୍ତି ।

# ତାଲା ବନ୍ଦ ସମୟରେ ବୁଲା ଜୀବଜନ୍ତୁଙ୍କୁ ଖାଦ୍ୟ ଯୋଗାଉଛନ୍ତି କିଛି ସମାଜସେବୀ

ରଣପୁର (ପି.ଏନ) ବୁଲା ଜୀବଜନ୍ତୁମାନେ ବଜାର ଉପରେ ନିର୍ଭର କରି ଖାଦ୍ୟ ସଂଗ୍ରହ କରୁଥିବା ବେଳେ ସପ୍ତାହ ସଟଡାଉନ ପାଇଁ ପ୍ରତ୍ୟେକ ଶନିବାର ଓ ରବିବାର ସମ୍ପୂର୍ଣ୍ଣ ଦୋକାନ ବଜାର ବନ୍ଦ ରହୁଥିବାରୁ ଖାଦ୍ୟ ସଂଗ୍ରହ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କିନ୍ତୁ ଏହି ନିରୀହ ଜୀବଜନ୍ତୁମାନଙ୍କର ଭୋକର ଆବେଗକୁ ବୁଝିପାରି ଏତିକି ବେଳେ ଏମାନଙ୍କ ମୁହଁରେ ଆହର ଯୋଗାଉଛନ୍ତି କନ୍ଧନୟାଗଡ ଓ ଚନ୍ଦପୁରର କିଛି ଯୁବ ସମାଜସେବୀ । ଆଜିକୁ ପ୍ରାୟ ଦୁଇ ମାସରୁ ଉର୍ଦ୍ଧ ସମୟ ହେବ ନିରୀହ ପଶୁମାନଙ୍କୁ ଖାଦ୍ୟ ଯୋଗାଉଛନ୍ତି ଯୁବ ସମାଜସେବୀ ତାପସ କୁମାର ମାର୍ଥାଙ୍କ ନେତୃତ୍ୱରେ



ପ୍ରଭାତ ପ୍ରଧାନ, ଗୋପାଳ ନାୟକ, ବିମଳ ବେହେରା, ଜାଫର ଅଲ୍ଲୀ, ରଜନୀକାନ୍ତ ମିଶ୍ର, ପ୍ରଶାନ୍ତ ବେହେରା ଏବଂ ଜଣେ ଦଶବର୍ଷର କୁନିଝିଅ ମନୀଷାଖା ମାର୍ଥା ପ୍ରମୁଖ । ନିଜସ୍ୱ ଖର୍ଚ୍ଚରେ ଚୋକଡ ଗାଈଗୋରୁଙ୍କୁ ଦେବା ସହ ବୁଲା କୁକୁରମାନଙ୍କୁ ଭାତ ମାଂସ ଖାଇବାକୁ ଦେଉଛନ୍ତି । ନିରୀହ ବୁଲା ଜୀବଜନ୍ତୁଙ୍କ ପ୍ରତି ଏମାନଙ୍କର ଏଭଳି ମନୋଭାବକୁ ସାରା ଅଂଚଳରେ ପ୍ରଶଂସା କରାଯାଇଛି ।




### ଭୁବନ; ଗଡିଲାନି ରଥ, ଅସ୍ଥାୟୀ ମନ୍ଦିରରେ ପୂଜା ପାଉଛନ୍ତି ଜଗନ୍ନାଥ

ଭୁବନ: ମହାମାରୀ କରୋନା ସକାଶେ ସରକାରଙ୍କ କଟକଣା ଯୋଗୁ ଚଳିତବର୍ଷ ଭୁବନର ତୃତୀୟାଜୀୟୁ ଜଗନ୍ନାଥ ମନ୍ଦିର ପରିସର ମଧ୍ୟରେ ବିଧିରକ୍ଷା ପୂର୍ବକ ନୀତିକାନ୍ତି କରାଯାଇ ରୀତିନୀତି ଅନୁଯାୟୀ ବିନା ଭକ୍ତରେ ପ୍ରତୀକାତ୍ମକ ରଥଯାତ୍ରା ଅନୁଷ୍ଠିତ ହୋଇଛି । ଅପରାହ୍ନ ୪ ଘଟିକା ସମୟରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଶୁଭେନ୍ଦୁ ସାହୁ, ଉପଦେଷ୍ଟା ଗୋପୀନାଥ ମହାନ୍ତି, ଆଦ୍ୟ ସେବକ ରାମଚନ୍ଦ୍ର ରାଉତ, ମୁଖ୍ୟ ପୂଜକ ତୁଷାରକାନ୍ତ ମିଶ୍ର, ସେବାୟତ ଓ ସ୍ୱଳ୍ପ ସଂଖ୍ୟକ କର୍ମକର୍ତାଙ୍କ ଉପସ୍ଥିତିରେ ଚତୁର୍ଦ୍ଧାମୂର୍ତୀ ଙ୍କୁ ପହଣ୍ଡି କରାଯାଇ ଅସ୍ଥାୟୀ ମଣ୍ଡପରେ ବିରାଜମାନ କରାଯାଇଥିଲା । ସରକାରଙ୍କ କଟକଣା ଯୋଗୁ ସାଧାରଣ ଜନତା ଓ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନରୁ ବଂଚିତ ହୋଇଥିଲେ । ନିଳାଦ୍ରି ବିଜେ ପର୍ଯ୍ୟନ୍ତ ଏହି ଅସ୍ଥାୟୀ ମଣ୍ଡପରେ ମହାପ୍ରଭୁଙ୍କର ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି । ତେବେ ଭକ୍ତଙ୍କର ମନ୍ଦିର ପ୍ରବେଶ କୁ ସଂପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ଚଳିତ ବର୍ଷ ପ୍ରଥମଥର ପାଇଁ ଯୁବ ଦମ୍ପତି ଦେବେନ୍ଦ୍ର ପୃଷ୍ଟି ସପତ୍ନୀକ ମହାପ୍ରଭୁଙ୍କୁ ପାଟବସ୍ତ୍ର ପ୍ରଦାନ କରି କୃପାଭିକ୍ଷା କରିଥିଲେ ।

## କଲିକତାରୁ ଗିରଫ ହୋଇଥିବା ୩ ଜେଏମବି ଆତଙ୍କବାଦୀଙ୍କୁ ୧୪ ଦିନିଆ ପୋଲିସ ହେପାଜତକୁ ପଠାଗଲା

କଲିକତା: କଲିକତା ପୋଲସର ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସଟିଏଫ) ଦ୍ୱାରା ଧରାପଡ଼ିଥିବା ଜମାତ ଉଲ ମୁଜାହିଦ୍ଦିନ ବାଂଲାଦେଶ (ଜେଏମବି) ର ୩ ଆତଙ୍କବାଦୀଙ୍କୁ ୧୪ ଦିନ ପାଇଁ ପୋଲିସ ହେପାଜକୁ ପଠାଯାଇଛି । ଗିରଫ ଆତଙ୍କବାଦୀ ନାଜିୟର ରେହମାନ ଛଦ୍ମନାମ ଜୋସେଫ, ମାଇକେଲ ଖାନ ଛଦ୍ମନାମ ଶେଖ ସାବୀର ଏବଂ ରାବିଲ ଇସଲାମ ସୋମବାର ଦିନ ବେଙ୍କସାଲ କୋର୍ଟରେ ହାଜର ହୋଇଥିଲେ । ଯେଉଁଠାରୁ ସେମାନଙ୍କୁ ୧୪ ଦିନ ପୋଲିସ ହେପାତରେ ରିମାଣ୍ଡରେ ନିଆଯାଇଥିଲା । ଶନିବାର ଏବଂ ରବିବାର ମଧ୍ୟ ରାତ୍ରିରେ ହରିଦେବପୁର ଅଂଚଳରୁ ଧରାଯାଇଥିବା ତିନ ଆତଙ୍କବାଦୀଙ୍କୁ ପଚରା ଉଚୁରା ବେଳେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମନାକୁ ଆସିଛି । ଏହି ଆତଙ୍କବାଦୀମାନେ କହିଛନ୍ତି ଯେ, ସେମାନେ ଅନ୍ୟ ୧୨ ଜଣ ଆତଙ୍କବାଦୀଙ୍କ ସହ ସୀମା ପାର କରିଛନ୍ତି ।ପ୍ରାଥମିକ ପଚରାଉଚୁରା ବେଳେ ଏହି ଆତଙ୍କବାଦୀମାନେ କହିଛନ୍ତି ଯେ, କଲିକତାରେ ଜେଏମବିର ଏକ ସ୍ଲିପର ସେଲ ଅଛି ଯାହାର ସଦସ୍ୟ ହରିଦେବପୁରର ବାସିନ୍ଦା ସଲିମ ମୁନସି । ଏହି ଆତଙ୍କବାଦୀମାନେ ତାଙ୍କ ଘରେ ଆଶ୍ରୟ ନେଇଥିଲେ । ମୁନ୍‌ସି ସେମାନଙ୍କୁ ଆଧାର କାର୍ଡ଼ ଏବଂ ଅନ୍ୟାନ୍ୟ ପରିଚୟ ପତ୍ର ତିଆରି କରିବାରେ ସାହାଯ୍ୟ କରିଥିଲେ । ଏହା ବ୍ୟତୀତ କଲିକତାରେ ବେଳେ ବେଳେ ଫଳ ବିକ୍ରେତା ଏବଂ ବେଳେ ବେଳେ ଅନ୍ୟ କିଛି ଦ୍ରବ୍ୟ ବିକ୍ରୟ କରିବା ପାଇଁ ବୁଲାବୁଲି କରି ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡ଼ିକର ଚିହ୍ନଟ କରିଛନ୍ତି ।ଆତଙ୍କବାଦୀଙ୍କୁ ପାଂଠି ଯୋଗାଇବା ପାଇଁ ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ମହାନଗରର ବଡ଼ ବ୍ୟାଙ୍କ ଏବଂ ଅଳଙ୍କାର ସୋ ରୁମକୁ ଲୁଟିବା । ଶନିବାର ରାତିରେ ଯେତେବେଳେ ପୋଲିସ ଚଢ଼ାଉ କରିଥିଲା, ସେତେବେଳେ ଉପରୋକ୍ତ ତିନି ଜଣଙ୍କୁ ଧରାଯାଇଥିଲା, କିନ୍ତୁ ସଲିମ ମୁନ୍‌ସି ପଳାବାରେ ସଫଳ ହୋଇଥଲା । ତାକୁ ଖୋଜିବା ପାଇଁ ପୋଲିସ ଟିମ୍ ଏକାଠି ହୋଇଛନ୍ତି । ଏହା ବ୍ୟତୀତ ଏହି ଲୋକମାନେ ଆହୁରି ମଧ୍ୟ କହିଛନ୍ତି ଯେ, ଅବଶିଷ୍ଟ ୧୨ ଆତଙ୍କବାଦୀଙ୍କ ମଧ୍ୟରୁ ଯେଉଁମାନେ ସୀମା ଅତିକ୍ରମ କରିଛନ୍ତି ସେମାନଙ୍କ ମଧ୍ୟରୁ କେତେକ ଜାମ୍ମୁ କାଶ୍ମୀର ଏବଂ ଅବଶିଷ୍ଟ ଓଡ଼ିଶା ଯାଇଛନ୍ତି ।ସେଂଟ୍ରାଲ ଇଂଟେଲିଜେନ୍ସ ଏଜେନସିକୁ ମଧ୍ୟ ଏ ବିଷୟରେ ସୂଚନା ଦିଆଯାଇଛି ଏବଂ ବାଂଲାଦେଶର ସୁରକ୍ଷା ଏଜେନସିଗୁଡ଼ିକୁ ମଧ୍ୟ ଏ ସମ୍ପର୍କରେ ଅବଗତ କରାଯାଇଛି । ସେମାନଙ୍କୁ ଅଲ ଅମିନ ନାମକ ଜଣେ ଆତଙ୍କବାଦୀ ଅର୍ଥ ପ୍ରଦାନ କରିଥିଲେ, ଯିଏ ହୁଜି ନାମକ ଏକ ଆତଙ୍କବାଦୀ ସଂଗଠନର ଡକାୟତି ଓ୍ୱିଙ୍ଗର ମୁଖ୍ୟ କମାଣ୍ଡର ଅଟେ । ବାଂଲାଦେଶ ଜେଲରେ ରହୁଥିବା ଜଣେ ଆତଙ୍କବାଦୀଙ୍କ କହିବା ଅନୁଯାୟୀ ଏହି ଲୋକମାନେ ସୀମା ପାର କରି ଭାରତରେ ଅନେକ ଆତଙ୍କବାଦୀ କାର୍ଯ୍ୟକଳାପ ସୃଷ୍ଟି କରିଛନ୍ତି । ଏମାନଙ୍କୁ ନିରନ୍ତର ପଚରା ଉଚୁରା କରାଯାଉଛି ।

## ପବିତ୍ର ଶ୍ରୀଗୁଣ୍ଡିଚା ଉପଲକ୍ଷେ ୱେଲ୍‌ଫେୟାର ୱାର୍ଲଡ ପକ୍ଷରୁ ବୃକ୍ଷରୋପଣ ଓ ଚାରାବଂଟନ





ଭୁବନେଶ୍ୱର: ବିଶ୍ୱ ତାପନ ଓ ପରିବେଶ ପରିବର୍ତନ ଏବେ ବିଶ୍ୱବାସୀଙ୍କ ପାଇଁ ଏକ ଚ୍ୟାଲେ ହୋଇଥିବା ବେଳେ ସବୁଜ ବଳୟ ସୃଷ୍ଟି ସହ ପରିବେଶ ଭାରସାମ୍ୟ ରକ୍ଷା ଦିଗରେ ଲୋକଙ୍କୁ ସଚେତନ କରିବା ପାଇଁ ୱେଲ୍‌ଫେୟାର ୱାର୍ଲଡ ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ସୁଖ ସାଗର ବୃଦ୍ଧାଶ୍ରମ ପରିସରରେ ଆଜି ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା ଉପଲକ୍ଷେ ପୂର୍ବାହ୍ନ ୧୦ଘଟିକା ସମୟରେ ବୃକ୍ଷରୋପଣ ଓ ଚାରାବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ସଙ୍ଗଠନର ଉପଦେଷ୍ଟା ବାବା ଅନାମ ମୂନୀ ଉଦ୍‌ଘାଟନ କରିଥିବା ବେଳେ ସଙ୍ଗଠନର ସଭାପତି ରବିନ୍ଦ୍ରନାଥ ରାଉତରାୟ ଯୋଗଦାନ କରି ବୃକ୍ଷରୋପଣର ମହତ୍ୱ ବିଷୟରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ମଦନ ମୋହନ ବିଶ୍ୱାଳ, ସହ ସମ୍ପାଦକ ସୁଶାନ୍ତ କୁମାର ପରିଡ଼ା, କୋଷାଧକ୍ଷ ସରୋଜ କୁମାର ମଲ୍ଲିକ, ଉପ- ସଭାପତି ପବିତ୍ର ରାଉତ, ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ନାୟକ ଓ ପ୍ରକାଶ କୁମାର ବାରିକ୍ , ସଂଯୋଜକ ଜୟରାମ ସ୍ୱାଇଁ ଏବଂ ସଙ୍ଗଠନର ସଦସ୍ୟ ଓ ସଦସ୍ୟା ଯଥା ପ୍ରକାଶ ମହାପାତ୍ର, ମହର୍ଷି ପ୍ରିୟଦର୍ଶୀ, ମୁନ୍‌ମୁନ୍ ମ୍ୟାଡାମ୍ , ପ୍ରଶାନ୍ତ କୁମାର ସ୍ୱାଇଁ, ବୀର ଲାକ୍ରା ଓ ଦୂର୍ଗେଶ ନନ୍ଦିନୀ ମଲ୍ଲିକ ଓ ସଙ୍ଗଠନର କର୍ମଚାରୀ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ସୁରୁରୁପେ ପରିଚାଳନା କରିଥିଲେ ଏବଂ ବୃକ୍ଷରୋପଣ କରିବା ସହ ଲୋକମାନଙ୍କୁ ଚାରା ବଂଟନ କରିଥିଲେ ।

## ଆନ୍ଧ୍ର ପ୍ରଦେଶର ଶିରିଶା ବନ୍ଦଲା ଇତିହାସ ରଚିଲେ, ଖ୍ୟାତି ପ୍ରତିଷ୍ଠିତ ପରେ ଗାଁରେ ଉତ୍ସବ ପାଳନ

ଅମରାବତୀ: ତେଲଗୁ ଭାଷାଭାଷୀ ରାଜ୍ୟରୁ ଇତିହାସ ସୃଷ୍ଟି କରିଥିବା ଶିରିଶା ବାନ୍ଦଲା ଗୁଂଟୁର ଜିଲ୍ଲାର ତେନାଲିରେ ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ତାଙ୍କ ସମ୍ପର୍କୀୟ ମାନଙ୍କ ଦ୍ୱାରା ବାନ୍ଦଲା ଶିରଶାଙ୍କ ସଫଳତାକୁ ନେଇ ଉତ୍ସବ ପାଳନ କରିଥିଲେ । ଶିରିଶା ବାନ୍ଦଲା ରବିବାର ଦିନ ଭାରତୀୟ ମୂଳର ବ୍ୟକ୍ତି ହୋଇଥିଲେ ଯେତେବେଳେ ସେ ଆମେରିକାର ନ୍ୟୁ ମେକସିକୋର ରିଚାର୍ଡ଼ ବେନସନଙ୍କ ସହ ମହାକାଶକୁ ଗେଲେକଟିକର ପ୍ରଥମ ସମ୍ପୂର୍ଣ୍ଣ କ୍ରୁଡ଼ ସଫଳ ପରୀକ୍ଷଣ କରିଥିଲେ । ସ୍ପେସପୋର୍ଟ ଆମେରିକା ପ୍ରଶିକ୍ଷଣ କେନ୍ଦ୍ରରୁ ମେକସିକୋ ଉପରେ ୧.୫ ଘଂଟା ମିଶନ ପାଇଁ ଉଡ଼ାଣ ଭରିଥିଲେ । ରବିବାର ଦିନ ୮ଟା ସମୟରେ ନ୍ୟୁ ମେକସିକରୁ ଆରମ୍ଭ ହୋଇଥିବା ଏହି ମହାକାଶଯାନ ୯୦ ମିନିଟ୍ ପରେ ସଫଳତାର ସହ ଫେରି ଆସିଥିଲା । ତାଙ୍କ ସମ୍ପର୍କୀୟ ଜିଲ୍ଲା, ଗ୍ରାମ ତଥା ରାଜ୍ୟ ତଥା ଦେଶର ଖ୍ୟାତି ପ୍ରତିଷ୍ଠା କରିବାକୁ ନିଷ୍ପତି ନେଇଥିଲେ ଏବଂ କହିଥିଲେ ଯେ, ଶିରିଶା ପିଲାଦିର ସ୍ୱପ୍ନ ପୂରଣ କରିବା ପରେ ମହାକାଶକୁ ଯାଇ ନିରାପଦରେ ଫେରିଛନ୍ତି । ଆନ୍ଧ୍ର ପ୍ରଦେଶର ଗୁଂଟୁର ଜିଲ୍ଲାରେ ଜନ୍ମ ହୋଇଥିବା ବାନ୍ଦଲା ଆମେରିକାର ହ୍ୟୁଷ୍ଟନରେ ବଢ଼ିଥିଲେ । ୧୯୮୭ ମସିହାରେ ଚିରାଲାରେ ଜନ୍ମ ଗ୍ରହଣ କରିଥିବା ଶିରିଶାଙ୍କ ପିତା ବି. ଊରଲଧର ଏବଂ ମାତା ଅନୁରାଧା ଆମେରିକାରେ କାମ କରୁଥିଲେ । ଜେଜେବାପାଙ୍କ ସହ ଶିରିଶା ଛାଡ଼ି ଆମେରିକା ଯାଇଥିଲେ । ବାନ୍ଦଲା ୪ ବର୍ଷ ବୟସରେ ଆମେରିକା ଯାଇ ୨୦୧୫ରେ ପର୍ଦ୍ଦ୍ୟୁନିଭରସିଟି ସ୍କୁଲ ଅଫ୍ ଏରୋଟେକ୍‌ସ ଏବଂ ଆସଟ୍ରୋନେଟିକ୍ସ ବିଜ୍ଞାନରେ ସ୍ନାତୋକତର ଡିଗ୍ରୀ ହାସଲ କରିଥିଲେ । ସେ ୨୦୧୫ ରେ ଜର୍ଜ ୱାଲଟନ ବିଶ୍ୱ ବିଦ୍ୟାଳୟରେ ମାଷ୍ଟର ଅଫ୍ ବିଜନେସ ଆଡ଼ମିନିଷ୍ଟ୍ରେସନ ଡିଗ୍ରୀ ସମାପ୍ତ କରିଥିଲେ ।ତେନାଲିର ପୂର୍ବତନ ପୌରପାଳିକା ସଭାପତି ବାନ୍ଦଲା ପୁଲେୟାଙ୍କ ନାତୁଣୀ ଶିରିଶା ଏବଂ ଜେଜେମା ରମାଦେବୀ ସ୍ଥାନୀୟ ବୋଷ ରୋଡ୍‌ରେ ଥିବା ଏକ ଆପାର୍ଟମେଂଟରେ ରୁହନ୍ତି । ତାଙ୍କ ସହ ସମ୍ପର୍କୀୟମାନେ ଟିଭି ଚ୍ୟାନେଲରେ ଭର୍ଜନ ଗାଲକଟିକ ସ୍ପେସଫ୍ଲାଇଟର ସିଧା ପ୍ରସାରଣ ଦେଖିଥିଲେ । ପଡ଼ୋଶୀମାନେ ଶିରସାଙ୍କ ଜେଜେବାପାଙ୍କୁ ସମ୍ମାନ ଦେବା ସହ ଦାଦା ଏବଂ ଜେଜେମା ଶିରସା ଙ୍କ ନାତୁଣୀ ସିରିଶା ନିରାପଦରେ ଫେରି ଆସିଥିଲେ ଏବଂ ଅନେକ ଲୋକ ସେମାନଙ୍କୁ ମିଠା ଖୁଆଇବା ପାଇଁ ପହଂଚିଥିଲେ ।

## ଜିଲ୍ଲାପାଳଙ୍କ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ,ବିସ୍ଥାପିତ ସହାୟତା ସମିତିର ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାପାଳ ସ୍ୱଧାଦେବ ସିଂ ଖଡିଆଳ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରି ଯାଇଛନ୍ତି । ସେ ଡ୍ୟାମକୁ ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀ ମାନଙ୍କ ସହ ବୈଠକ କରିଥିଲେ । ଏହି ଅବସରରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ୧୪ ଦଫା ଦାବୀପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ଦାବୀପତ୍ରକୁ ଗ୍ରହଣ କରି ଦାବୀ ସବୁର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ । ଦାବୀପତ୍ରରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୮ ଗୋଟି ବୁଡି ଗ୍ରାମର ପ୍ରାୟ ୨୫୦୦ ବିସ୍ଥାପିତ ପରିବାରଙ୍କୁ ପ୍ରଶାସନିକସ୍ତରରେ ବିଚାରାଧିନଥିବା ସହାୟତା ରାଶିଙ୍କୁ ତୁରନ୍ତ ପ୍ରଦାନ କରାଯିବା, ଜମିର କ୍ଷତିପୂରଣ ପ୍ରଦାନ ବିରୋଧରେ ଜିଲା ଦୌରାଜଜ ନିମ୍ନ ଅଦାଲତରେ ଫଇସଲା ସରି ନିଷ୍ପି ହୋଇ ସାରିଥିବା ଜମିର କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ କରିବା, ବିସ୍ଥାପିତ ଥଇଥାନ ସହାୟତା ରାଶି ନିର୍ଦ୍ଧାରିତ ଶେଷ ସମୟ ସୀମା ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ସମସ୍ତ ବିସ୍ଥାପିତଙ୍କୁ ଥଇଥାନ ରାଶି ପ୍ରଦାନ କରିବା, ସମ୍ପୂର୍ଣ୍ଣ ବୁଡିଗ୍ରାମରେ ଭୂମିହୀନ ପ୍ରଜାଙ୍କୁ ୧୯୯୪ ଥଇଥାନ ନୀତି ଅନୁଯାୟୀ ଥଇଥାନ ରାଶି ପାଇଥିବା ବେଳେ ବର୍ତମାନ ସେମାନଙ୍କ ଯୋଗ୍ୟ ପୁଅଝିଅ ମାନଙ୍କୁ ଥଇଥାନ ନୀତି ୨୦୦୬ ଅନୁଯାୟୀ ବିସ୍ଥାପିତ ରାଶି ପ୍ରଦାନ, ବିସ୍ଥାପିତ ହୋଇଥିବା ପରିବାରଙ୍କ ବକେୟା ଥିବା ଥଇଥାନ ରାଶି ନୂତନ ବସତିରେ କିଣିଥିବା ଜମି, ଘରଡିହର ରେଜିଷ୍ଟ୍ରେସନ ଫିଜ, ରକ୍ଷଣାବେକ୍ଷଣ, ପରିବହନ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ଭ । ପ୍ରଦାନ, ପ୍ରତ୍ୟେକ ବିସ୍ଥାପିତଙ୍କୁ ବିସ୍ଥାପିତ ପରିଚୟ ପତ୍ର ପ୍ରଦାନ, ଅଧିଗ୍ରହିତ ହୋଇଥିବା ଜମି ଉପରେ ରହିଥିବା ହିତାଧିକାରୀଙ୍କୁ ଚିରସ୍ଥାୟୀ ଭାବରେ ରହିବା ବ୍ୟବସ୍ଥା, ପ୍ରକଳ୍ପର ଥଇଥାନ ସହାୟତା ରାଶି ପାଇଁ ଯୋଗ୍ୟ ହିତାଧିକାରୀଙ୍କ ଚୟନ ପାଇଁ ନିର୍ଦ୍ଧାରିତ ଶେଷ ସମୟ ସୀମା ତାରିଖ ୦୧/୦୨/୨୦୧୪ କଟ ଅଫ ଡେଟ ପରିବର୍ତେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଦିନକୁ ଶେଷ ସମୟ ସୀମା ଭାବରେ ଗ୍ରହଣ କରିବା, ବୁଡିଗ୍ରାମର ପ୍ରଜାଙ୍କୁ ଡିପି ଆକାରରେ ପାଉଣା ପ୍ରଦାନ, ବିସ୍ଥାପିତ ଯୁବକ ଯୁବତୀଙ୍କୁ କର୍ମସଂସ୍ଥାନ ଓ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ପ୍ରଦାନ, ବିଭାଗୀୟ ଅବହେଳା କାରଣରୁ ୩୦ ଜଣରୁ ଅଧିକ ବିସ୍ଥାପିତ ୨୦୧୦ ମସିହାରେ ମଞ୍ଜୁର ହୋଇଥିବା ରାଶି ୨୦୧୫/୧୬ ରେ ପ୍ରଦାନ କରାଗଲା, ଯାହାକି ୨୦୧୪ କଟଅଫ ଡେଟ ମୁତାବକ ବକେୟା ରାଶି ପ୍ରଦାନ, ୧୮ ବର୍ଷରୁ ଅଧିକ ବର୍ଷର ପୁଅଝିଅ ମାନଙ୍କୁ ଥଇଥାନ ରାଶି ମିଳିବା ସକାଶେ ଆବେଦନ କରିବାକୁ କୁହାଯାଇଥିଲା କିନ୍ତୁ କିଛି ହିତାଧିକାରୀଙ୍କ ତାଲିକା ମଞ୍ଜୁର ପାଇଁ ସରକାରଙ୍କୁ ପଠାଯାଇଥିବା ବେଳେ କେତେକଙ୍କ ଆଜି ପର୍ଯ୍ୟନ୍ତ ପଠାଯାଇନଥିବା, ଜଳସମ୍ପଦ ବିଭାଗର ପତ୍ର ମୁତାବକ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ସକାଶେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଦେଇଥିବା ଲିଖିତ ପ୍ରତିଶୃତି ୭ ବର୍ଷ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ, ଏଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଭଳି ଯଥା ପ୍ରମୁଖ ଦାବୀ ରହିଛି । ଏହି ଦାବୀପତ୍ର ପ୍ରଦାନ ବେଳେ ବିସ୍ଥାପିତ ସହାୟତା ସମିତିର ସଭାପତି ନିତ୍ୟାନନ୍ଦ ପ୍ରଧାନ ଏବଂ ସମ୍ପାଦକ ଗୋପିନାଥ ଗଡଡ ଉପସ୍ଥିତ ଥିଲେ ।

### କରୋନା ମହାମାରୀ ବିରୁଦ୍ଧରେ ଲଢେଇ ପାଇଁ ଶପଥ ନେଲେ ପୂର୍ବତଟ ରେଳପଥ କର୍ମଚାରୀ

ଭୁବନେଶ୍ୱର, (ପିଏନ)- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରାରମ୍ଭ କରାଯାଇଥିବା ଜନ ଆନ୍ଦୋଳନ ଅଭିଯାନରେ କରୋନା ବିରୁଦ୍ଧ ଲଢେଇ କୁ ସମ୍ମାନ ଦେଇ ପୂର୍ବ ତଟ ରେଳପଥ ଏହି ଜନ ଆନ୍ଦୋଳନର ମୁଖ୍ୟ ବୈଶିଷ୍ଟ୍ୟ ଅନୁସରଣ ଯଥା ମାସ୍କ ପିନ୍ଧିବା, ବାରମ୍ବାର ହାତ ଧୋଇବା, ସାମାଜିକ ଦୂରତା ଅନୁସରଣ କରିବା ଏବଂ ଦୁଇ ଗଜ ଦୂରତା ରଖିବାର ଅଭ୍ୟାସ ଜାରିରଖିବାକୁ ଏହାର କର୍ମଚାରୀ, ରେଳ ବ୍ୟବହାରକାରୀ ଏବଂ ଯାତ୍ରୀମାନଙ୍କୁ ନିବେଦନ କରିଛି । ଏହି ଜନ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ଭିଡିଓ କନଫେରେନସିଙ୍ଗ ମାଧ୍ୟମରେ ରେଳପଥର କର୍ମଚାରୀମାନଙ୍କୁ ସର୍ବଦା ସଜାଗ ରହିବାକୁ ଏବଂ କୋଭିଡ୍-୧୯ ରୁ ନିଜେ ତଥା ସେମାନଙ୍କ ସହକର୍ମୀଙ୍କ ପ୍ରତି ବିପଦ ନରଖିବାକୁ ଶପଥ ପାଠ କରାଇବା ସହ ସମସ୍ତ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ପ୍ରତିଜ୍ଞା କରାଇଥିଲେ । ଉପଯୁକ୍ତ କୋଭିଡି ଆଚରଣ ଅନୁସରଣ କରିବାକୁ ଅନ୍ୟମାନଙ୍କୁ ପ୍ରେରଣା ଏବଂ ଉତ୍ସାହିତ କରିବାକୁ ପ୍ରତିଜ୍ଞା କରାଇଥିଲେ । କର୍ମଚାରୀମାନେ ବିଶେଷ କରି ସର୍ବସାଧାରଣ ସ୍ଥାନରେ ସର୍ବଦା ମାସ୍କ ପିନ୍ଧିବାକୁ, ଅନ୍ୟମାନଙ୍କଠାରୁ ସର୍ବନିମ୍ନ ଦୂରତା ରଖିବାକୁ, ବାରମ୍ବାର ସାବୁନ୍ ଏବଂ ପାଣିରେ ହାତ ଧୋଇବାକୁ ଏବଂ କୋଭିଡ୍୧୯ ବିରୁଦ୍ଧରେ ଲଢେଇ କରିବାକୁ ଶପଥ ନେଇଛନ୍ତି ।

ଭିଡିଓ କନଫେରେନସିଙ୍ଗ ମାଧ୍ୟମରେ କରୋନା ମହାମାରୀ ବିରୁଦ୍ଧରେ ଲଢେଇ ପାଇଁ ଶପଥ ପାଠ ଉତ୍ସବରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ସୁଧୀର କୁମାର, ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନଙ୍କ ସହ କର୍ମଚାରୀମାନେ ମଧ୍ୟ ସାମାଜିକ ଦୂରତା ରଖି ଶପଥ ପାଠ ଉତ୍ସବ ରେ ଭାଗ ନେଇଥିଲେ ।

## ପଦୋନ୍ନତି ତାଲିକାକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ

କେନ୍ଦୁଝର(ପିଏନ)- କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପଦୋନ୍ନତି ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚୂଡାନ୍ତ ପଦୋନ୍ନତି ତାଲିକା ପ୍ରକାଶ ପାଇଛି । ତେବେ ଏହି ତାଲିକା ଯୋଗୁଁ ଅନେକ ଯୋଗ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତି ପାଇବାରୁ ବଞ୍ଚିତ ହୋଇଥିବାରୁ ଏହି ତାଲିକା ସଂଶୋଧନ କରି ପଦୋନ୍ନତିରୁ ବଞ୍ଚିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସାମିଲ କରିବା ପାଇଁ ଜିଲ୍ଲାର କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିବେଦନ କରିଛନ୍ତି । ଅଭିଯୋଗ ମୁତାବକ, କେନ୍ଦୁଝର ଶିକ୍ଷା ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ସେପ୍ଟେମ୍ବର ୧୬ ତାରିଖରେ ଜିଲ୍ଲାର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଲେଭେଲ ୫, 'ଏ' ରୁ ଲେଭେଲ ୫, 'ବି' କୁ ପଦୋନ୍ନତି ପାଇଁ ଚୁଡାନ୍ତ ପଦୋନ୍ନତି ତାଲିକା ପ୍ରକାଶ କରାଯାଇଛି । ଏହି ପଦୋନ୍ନତି ତାଲିକା ଗଣଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଅନୁଯାୟୀ ପ୍ରସ୍ତୁତ କରାଯାଇନଥିବା ଅଭିଯୋଗ ହେଉଛି । ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ମାଟ୍ରିକ ସିଟି, ଯୁକ୍ତ ୨ ସିଟି ଏବଂ ଗ୍ରାଜୁଏଟ ସିଟି ଧାରୀ ୫୦ ପ୍ରତିଶତ ଶିକ୍ଷକ ଶିକ୍ଷୟିତ୍ରୀ କ୍ୟାଟେଗୋରୀ-୧ ରେ ରହିବେ । କ୍ୟାଟେଗୋରୀ-୨ରେ ୫୦ ପ୍ରତିଶତ ଗ୍ରାଜୁଏଟ,ବିଇଡି ଏବଂ ୨୦୧୧ ମସିହା ପରେ ଯେଉଁ ଗ୍ରାଜୁଏଟ ସିଟି ଧାରୀ ଶିକ୍ଷକମାନେ ବିଷୟଭିତ୍ତିକ ଶିକ୍ଷକ ଭାବେ ନିଯୁକ୍ତି ପାଇବା ସହ ଓଟିଇଟି-୨ ପାସ୍ କରିଥିବେ । ସେହି ଶିକ୍ଷକମାନଙ୍କୁ ସାମିଲ କରାଯିବା କଥା । କିନ୍ତୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ପଦୋନ୍ନତି ତାଲିକାରେ କ୍ୟାଟେଗୋରୀ-୧ ରେ ଥିବା ଗ୍ରାଜୁଏଟ ସିଟି ଧାରୀ ଶିକ୍ଷକଙ୍କୁ ନେଇ କ୍ୟାଟେଗୋରୀ-୨ ରେ ସାମିଲ କରାଯାଇ ପଦୋନ୍ନତି ଦିଆଯାଇଛି । ଫଳରେ କ୍ୟାଟେଗୋରୀ-୨ ରେ ଥିବା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତିରୁ ବଞ୍ଚିତ ହୋଇଛନ୍ତି । ସେହିପରି ପଦୋନ୍ନତି ପାଇଥିବା ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଚାକିରୀରେ ଥାଇ ଉଚ୍ଚ ଶିକ୍ଷା କଲାବେଳେ ବିଭାଗୀୟ ଅଧିକାରୀଙ୍କଠାରୁ ଠିକ୍ ଭାବେ ଅନୁମତି ପତ୍ର ନଆଣି ଉଚ୍ଚ ଶିକ୍ଷା ହାସଲ କରିଛନ୍ତି । ଅନୁସନ୍ଧାନରୁ ଜଣାଯାଇଛି କେତେକ ଶିକ୍ଷକ ଶିକ୍ଷୟିତ୍ରୀ, ଯେଉଁମାନେ କି ଅନୁମତି ପତ୍ର ନଆଣି ଉଚ୍ଚ ଶିକ୍ଷା ହାସଲ କରିଛନ୍ତି, ଏବେ ସେମାନେ ତାଙ୍କର ଉଚ୍ଚଶିକ୍ଷାକୁ କାଏମ ରଖିବା ପାଇଁ ସେହି ସମୟର ଡିଆଇ,ବିଇଓ,ଏବିଇଓ,ପ୍ରଧାନଶିକ୍ଷକଙ୍କ ନିକଟକୁ ଯାଇ ପିଛିଲା ତାରିଖରେ ଦସ୍ତଖତ କରି ଅନୁମତି ପତ୍ର ଆଣି ବିଇଓମାନଙ୍କୁ ପ୍ରଦାନ କରି ପଦୋନ୍ନତି ପତ୍ର ନେଉଛନ୍ତି ଏବଂ ଯେଉଁ ଅନୁମତି ପତ୍ରରେ କାର୍ଯ୍ୟାଳୟର ଚିଠି ନମ୍ବର ଓ ତାରିଖ ନାହିଁ । ପ୍ରଧାନଶିକ୍ଷକ କିପରି ବିଭାଗୀୟ ଅଧିକାରୀ ଥାଉ ଥାଉ ଉଚ୍ଚ ଶିକ୍ଷା ନିମନ୍ତେ ଶିକ୍ଷକମାନଙ୍କୁ ଅନୁମତି ଦେଇ ପାରୁଛନ୍ତି ଏହା ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହିପରି ଅନୁମତି ପତ୍ରକୁ ରଦ୍ଦ ନକରି କିପରି ଗ୍ରହଣ କରାଯାଉଛି ତାହା ତଦନ୍ତ ସାପେକ୍ଷ ଅଟେ । ତେଣୁ ଏହି ତାଲିକାକୁ ସଂଶୋଧନ କରାଯାଇ ପଦୋନ୍ନତିରୁ ବଞ୍ଚିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାମିଲ କରିବା ପାଇଁ ପଦକ୍ଷେପ ନେବାକୁ ଶିକ୍ଷକମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।

### ଖଡିଆଳ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଗୁଳିକାଣ୍ଡ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଏକ ଗୁଳିକାଣ୍ଡ ହୋଇଥିବା ସୂଚନା ମିଳିଛି । ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗର ୧୯ ଗୋଟି ଠିକା କାମକୁ ନେଇ ଏହି ଗୁଳିକାଣ୍ଡ ଘଟିଥିବା ବେଳେ ଜଣେ ଠିକାଦାର ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଶୁକ୍ରବାର ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଠିକା କାମ ନେଇ ଟେଣ୍ଡର ଜଣାପଡିବା ପରେ ଠିକାଦାର ମାନେ ବିଭାଗୀୟ କାର୍ଯ୍ୟାଳୟକୁ ଯାଇ କିଏ କିଏ କାମ ପାଇଛି ବୋଲି ଦେଖୁଥିଲେ । ଏଥିରେ କଣ୍ଟାବାଞ୍ଜି ଏବଂ ଖଡିଆଳର ଠିକାଦାର ମାନେ ଥିଲେ । ହେଲେ ସେଠାରେ କିଛି ଠିକାଦାର ମାନଙ୍କ ମଧ୍ୟରେ ବଚସା ହୋଇଥିଲା । ହେଲେ ୨ ଗୋଟି ବନ୍ଧୁକ ନେଇ ଆସିଥିବା କଣ୍ଟାବାଞ୍ଜିର ଠିକାଦାର ଜଣକ ଅଫିସ ବାହାରକୁ ଆସି ଗୁଳି କରିଥିଲେ । ଏହି ଗୁଳି ଖଡିଆଳର ଠିକାଦାର ପବନ କୁମାର ଅଗ୍ରୱାଲଙ୍କ ବାମ ହାତକୁ ଛୁଇଁ ଚାଲି ଯାଇଥିଲା । ଯାହାଫଳରେ ପବନ କୁମାର ଅଗ୍ରୱାଲଙ୍କ ବାମ ହାତରେ ଅଳ୍ପ କ୍ଷତ ହୋଇଥିବା ବେଳେ ସେ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି । ଏନେଇ ପବନ କୁମାର ଅଗ୍ରୱାଲଙ୍କ ଅଭିଯୋଗ କ୍ରମେ ପୁଲିସ ୨୫୧/୨୦୨୦ ରେ ଏକ ମାମଲା ରୁଜୁ କରି କଣ୍ଟାବାଞ୍ଜିର ୩ ଜଣ ଠିକାଦାର ଗିରିଦାସ ସିଂ ମାଝୀ ଓ ତାଙ୍କ ଭାଇ ଶୋଭାରାଜ ସିଂମାଝୀଙ୍କ ସହ ଡ୍ରାଇଭର ଚୈତନ୍ୟ ମାଝୀଙ୍କୁ ଅଟକ ରଖିଛନ୍ତି । ଏହାସହ ୨ ଗୋଟି ବନ୍ଧୁକ ସହ ଇନୋଭା ଗାଡିକୁ ଜବତ କରିଥିବା ବେଳେ ପୁଲିସ ଘଟଣାର ତଦନ୍ତ ଚଳାଇଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

## ଅବ୍ୟବସ୍ଥା ଘେରରେ ତୁକଲା ଷ୍ଟେଟ ବ୍ୟାଙ୍କ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାର ବୃହ ମ ଗ୍ରାମ ତୁକଲା । ଏହି ଗ୍ରାମ ଉପରେ ଶତାଧିକ ଗ୍ରାମର ଲୋକେ ନିର୍ଭର କରନ୍ତି । ତୁକଲାରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ, ସମବାୟ ସମିତି ସହ ଷ୍ଟେଟ ବ୍ୟାଙ୍କ ରହିଛି । ଲେଣ ଦେଣ ସୁବିଧା ଦୃଷ୍ଟିରୁ ଅଧିକାଂଶ ଲୋକଙ୍କ ଷ୍ଟେଟ ବ୍ୟାଙ୍କରେ ଉକାଉ ରହିଛି କିନ୍ତୁ ଆବଶ୍ୟକ କର୍ମଚାରୀ ଅଭାବରୁ ଲୋକେ ଠିକ ଭାବରେ ସୁବିଧାସୁଯୋଗ ପାଇପାରୁ ନାହାନ୍ତି । ନିୟମ ଅନୁଯାୟୀ ଶାଖା ପରିଚାଳକଙ୍କ ସହ ୩ ଜଣ ଷ୍ଟାଫ ରହିବା କଥା କିନ୍ତୁ ଶାଖା ପରିଚାଳକ ଏବଂ ଜଣେ ଫିଲ୍ଡ ଅଫିସର ଅଛନ୍ତି । ଏଇ କିଛି ଦିନ ତଳେ କ୍ୟାସିଅର ଜଣକ ଇସ୍ତଫା ଦେଇ ଅନ୍ୟ ବ୍ୟାଙ୍କରେ ଯୋଗ ଦେଇଛନ୍ତି । ଫଳରେ ଜଣେ କର୍ମଚାରୀରେ କାର୍ଯ୍ୟକାରିବା ସଫଳ ହୋଇପାରୁନାହିଁ । ଲୋକେ ମଧ୍ୟ ବହୁତ ହଇରାଣ ହରକତ ହେଉଛନ୍ତି । ଲୋକେ ଟଙ୍କା ଡିପୋଜିଟ କିମ୍ବା ଉଠାଣ ସକାଶେ ଘ । ଘ । ଜଗି ରହୁଥିବା ବେଳେ ପାସବୁକ ପ୍ରି ମଧ୍ୟ ହୋଇ ପାରୁନାହିଁ । ଯାହାଫଳରେ ଅନେକ ନିରକ୍ଷର ଲୋକେ ତାଙ୍କ ଏକାଉ ରେ କେତେ ଟଙ୍କା ଅଛି ଜାଣି ପାରୁନାହାନ୍ତି । ଫଳରେ ଏଠାରେ ଆଉ ୨ ଜଣ ଷ୍ଟାଫ ଦେବା ପାଇଁ ଲୋକେ ଦାବୀ କରିଛନ୍ତି । ଏନେଇ ଶାଖା ପରିଚାଳକ ସୌମ୍ୟ ରଞ୍ଜନ ଦାଶଙ୍କୁ ପଚାରିବାରୁ କର୍ମଚାରୀ ଅଭାବକୁ ସ୍ୱିକାର କରିଥିଲେ କିନ୍ତୁ କୌଣସି କାର୍ଯ୍ୟ ଏଥିପାଇଁ ଅଟକୁ ନାହିଁ ବୋଲି ପ୍ରକାଶ କରିଥିଲେ । ଅନ୍ୟପକ୍ଷରେ ତୁକଲା ଠାରେ ଥିବା ଷ୍ଟେଟ ବ୍ୟାଙ୍କର ଏଟିଏମ ଗତ ୭/୮ ମାସ ହେବ ବନ୍ଦ ରହିଛି । ଯାହାଦ୍ୱାରା ଏଟିଏମ ଥିବା ଲୋକେ ଖଡିଆଳ କିମ୍ବା ସିନ୍ଧେକେଲାକୁ ଯାଇ ଟଙ୍କା ଉଠାଣ କରୁଛନ୍ତି । ବ୍ୟାଙ୍କ ଉଚ୍ଚ କର୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ କର୍ମଚାରୀ ଯୋଗାଣ ସହ ଏଟିଏମକୁ ସଚଳ କରିବାକୁ ସାଧାରଣରେ ଦାବୀ ହେଉଛି ।

## ଲକ୍ଷ୍ନୌରେ ଧରାପଡ଼ିଥିବା ଦୁଇ ଆତଙ୍କବାଦୀଙ୍କୁ ରିମାଣ୍ଡରେ ନେବ ୟୁପି ଏଟିଏସ୍

ଲକ୍ଷ୍ନୌ: ରାଜଧାନୀରୁ ଗିରଫ କରାଯାଇଥିବା ଅଲ୍‌କାଏଦାର ଦୁଇଜଣ ଆତଙ୍କବାଦୀ ମିନହାଜ ଅହମ୍ମଦ ଏବଂ ମସିରୁଦ୍ଦିନ ଓରଫ ମୁଶୀରକୁ ୟୁପି ଏଟିଏସ୍ ସୋମବାର ଦି କୋର୍ଟରେ ହାଜର କରି ପଚରାଉଚୁରା ପାଇଁ ରିମାଣ୍ଡରେ ନେବାକୁ ଆବେଦନ କରିବ । ରବିବାର ଦିନ ଦୁହିଁଙ୍କୁ ଗିରଫ କରି ଏଫ୍‌ଆଇଆର୍ ଦର୍ଜ କରାଯାଇଥିଲା । ଏଟିଏସ୍‌ର ଆଇଜି ଜି.କେ. ଗୋସ୍ୱାମୀ କହିଛନ୍ତି ଯେ ଏମାନଙ୍କ ପାଖରୁ ମିଳିଥିବା ସାକ୍ଷ୍ୟର ସଂକଳନ କରାଯାଇଛି । ସେମାନଙ୍କୁ କୋର୍ଟରେ ହାଜର କରି ପଚରା ଉଚୁରା ପାଇଁ ରିମାଣ୍ଡରେ ନିଆଯିବ । କାରଣ ସେମାନଙ୍କ ଠାରୁ ଅନେକ କଥା ଜାଣିବାର ଅଛି, ରାଜ୍ୟରେ ଅଲକାୟଦାର କାର୍ଯ୍ୟକଳାପ ବିଷୟରେ ସବିଶେଷ ଜାଣିବାର ଅଛି । ଅଲକାୟଦାର ଦୁଇ ସନ୍ଦିଗ୍ଧଙ୍କ ଠାରୁ ପଚରାଉଚୁରା ସମୟରେ ଜଣାପଡ଼ିଛି ଯେ ମଶିରୁଦ୍ଦିନ ଓରଫ ମୁଶିର ରିକ୍ସା ବ୍ୟାଟେରୀରେ ବମ୍ ତିଆରି କରୁଥିଲା । ଅଲକାୟଦାର ଆତଙ୍କବାଦୀଙ୍କ ଠାରୁ ମିଳିଥିବା ତଥ୍ୟର ଆଧାରରେ ୟୁପି ପୋଲିସ ଏବଂ ଏଟିଏସ୍ ରାଜ୍ୟର କେତେକ ଅଂଚଳରେ ଯାଂଚ କରୁଛି । ଇତିମଧ୍ୟରେ କାନପୁରରୁ ୩ ସନ୍ଦିଗ୍ଧ ଲୋକଙ୍କୁ ଗିରଫ କରାଯାଇଛି ।ଦିଲ୍ଲୀ ପୋଲିସ୍ ଏହି ଆତଙ୍କବାଦୀଙ୍କୁ ପଚରାଉଚୁରା କରିବଲକ୍ଷ୍ନୌରେ ଅଲକାୟଦାର ଆତଙ୍କବାଦୀ ଗିରଫ ମାମଲାରେ ଦିଲ୍ଲୀ ପୋଲିସ୍‌ର ସ୍ପେଶଲ ସେଲ୍‌ର ଏକ ଟିମ୍ ଆସନ୍ତା ଦୁଇଦିନରେ ଲକ୍ଷ୍ନୌ ପହଂଚିବ । ସ୍ପେଶାଲ ସେଲ୍ ୨୦୧୫ରେ ପେନ୍ ଇଣ୍ଡିଆ ଏକ୍ୟୁଆଇଏସ୍ ମଡେଲର ତଦନ୍ତ କରି ଛଅଜଣ ଆତଙ୍କବାଦୀଙ୍କୁ ଗିରଫ କରିଥିଲା, ଯେଉଁମାନଙ୍କ ମଧ୍ୟରେ କିଛି ଜଣ ଉତରପ୍ରଦେଶର ଥିଲେ ।

## କେନ୍ଦୁଝର ଜିଲ୍ଲା ସଦର ମହକୁମା ଚିକିତ୍ସାଳୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

କେନ୍ଦୁଝର(ପିଏନ)-ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ କେନ୍ଦୁଝର ଜିଲ୍ଲା ସଦର ମହକୁମାଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସ୍ୱାସ୍ଥ୍ୟ ସଚେତନତା ରଥକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଏହି ରଥ ଜିଲ୍ଲାର ସମସ୍ତ ୧୩ ଗୋଟି ବ୍ଲକ୍‌କୁ ୭ ଦିନ ମଧ୍ୟରେ ପରିକ୍ରମା କରି ସଚେତନତା କରିବ । ଏଥି ସହିତ ଜିଲ୍ଲା ସଦର ମହକୁମା ଚିକିତ୍ସାଳୟଠାରେ ଜନ ସଚେତନତା ଉଦ୍ଦେଶ୍ୟରେ ଏକ ମାନସିକ ସଚେତନତା ହୋଡିଙ୍ଗ୍‌କୁ ମଧ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ଡି.ପି.ଏମ୍. ଦିଲ୍ଲିପ କୁମାର ଦୁବେ, ମାନସିକ ରୋଗ ଚିକିତ୍ସା ଅଧିକାରୀ ଡାଃ ନିହାର ରଂଜନ ରଥ ଓ ଡାଃ ସୁଶାନ୍ତ ମାଝୀ, ଡି.ପି.ଏଚ୍.ସି.ଓ. ପିତବାସ ମିଶ୍ର, ଏଡିପିଏଚ୍‌ସିଓ ଶ୍ରୀକାନ୍ତ ସେଠୀ, ଏସ୍.ଏ. ନୃସିଂହ ନାରାୟଣ ନନ୍ଦ, ଏସ୍.ଡବ୍ଲ୍ୟୁ. ବିକାଶ ମହାନ୍ତ ଓ ଗୋଷ୍ଠୀ ସେବିକା ଜୟନ୍ତି ଦାଶ, ସରୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ ।








# ଆମେରିକାର ହ୍ୟୁଷ୍ଟନଠାରେ ରଥଯାତ୍ରା ଉତ୍ସବ ଆୟୋଜନ



ହ୍ୟୁଷ୍ଟନ : ଯୁକ୍ତରାଷ୍ଟ୍ର ଆମେରିକାର ଚତୁର୍ଥ ବୃହତ୍ତମ ମହାନଗରୀ ହ୍ୟୁଷ୍ଟନ ଠାରେ ପବିତ୍ର ଚତୁର୍ଦ୍ଦଶ ବାର୍ଷିକ ରଥଯାତ୍ରା ପର୍ବ ମହାସମାରୋହନରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବଡ଼ି ଭୋରରୁ ୩୧୦୧, ଫିଙ୍କ୍ଓ୍ୱେ ମାର୍ଗସ୍ଥିତ ଓରିଶା କଲ୍‌ଚର ସେଣ୍ଟର (ଓ.ସି.ସି) ମଧ୍ୟରେ ସ୍ଥାପିତ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସମ୍ମୁଖରେ ନୃସିଂହ ହଭନ, ରଥ ବାସ୍ତୁ ପୂଜା, ନାମଯଜ୍ଞ, ମଙ୍ଗଳ ଆଳତୀ, ପ୍ରତାପ ଉପଚାର, ଜଗନ୍ନାଥ ପରିବାର ବନ୍ଦାପନା ଆଦି ପୂଜାର୍ଚ୍ଚନା ଯଥାବିଧି ଅନୁଷ୍ଠିତ ହୋଇଥିଲା । ଏହାପରେ ଜଗନ୍ନାଥ ଅଷ୍ଟକମ୍, ଗୀତ ଗୋବିନ୍ଦ ଓ ଦଶାବତାର ଗାୟନ ତଥା ଭଗବତ ଗୀତା ପାଠ କରାଯାଇଥିଲା । ମଧ୍ୟାହ୍ନରେ କେନ୍ଦ୍ରର ଆନନ୍ଦବଜାର ଭାବରେ ନାମିତ ପାକଶାଳାରେ ପ୍ରସ୍ତୁତ ୫୬ଭୋଗ ଠାକୁରଙ୍କୁ ଅର୍ପଣ କରାଯାଇ ବିଶ୍ରାମ ଦିଆଯାଇଥିଲା । ଅପରାହ୍ନ ଅଢ଼େଇଟାରେ ଦୀଅଁମାନଙ୍କର ପରଦା ଉନ୍ମୁକ୍ତ ହେବା ପରେ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ଉପଚାର ପୂଜା ଏବଂ ରଥ ପାଇଁ ଆଜ୍ଞାମାଳ ଗ୍ରହଣ ପ୍ରଭୃତି ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା । ଉପସ୍ଥିତ ପ୍ରାୟ ୫୦୦ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଉତ୍ସାହ, ଉଲ୍ଲାସ ଓ ଉଦ୍ଦୀପନା ପରିଲକ୍ଷିତ ହୋଇଥିଲା । ଭକ୍ତମାନଙ୍କର ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନୀ ତଥା ଶଙ୍ଖ, ଘଣ୍ଟ, କର୍ତ୍ତାଳ, ମର୍ଦ୍ଦଳ, ଝାଂ ଓ ମୃଦଙ୍ଗର ଘୋର ଘର୍ଗର ନାଦ ଦ୍ୱାରା ଗଗନ ପବନର ପ୍ରକମ୍ପନ ଭିତରେ ଚାରି ଠାକୁରଙ୍କୁ ପହଣ୍ଡି ରୋଷଣୀ କରାଯାଇ ରଥ ଉପରକୁ ଅଣାଯାଇଥିଲା । ସୁନ୍ଦର, ସୁଶୋଭିତ ଏବଂ ନାନା ରଙ୍ଗବେରଙ୍ଗ କପଡ଼ାରେ ଓ ସୁସଜ୍ଜିତ ରଥ ଉପରେ ଜଗତର ନାଥ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ପ୍ରଭୁ ଶ୍ରୀସୁଦର୍ଶନଙ୍କର ବିରାଜମାନର ଦୃଶ୍ୟ ବେଶ୍ ମର୍ମସ୍ପର୍ଶୀ ଥିଲା । ସନ୍ଧ୍ୟା ସାଢ଼େ ୭ଟା ବେଳେ ଭୁବନେଶ୍ୱରରୁ ଆସିଥିବା ବଂଶୀଧର ଲେଙ୍କା ରଥ ଉପରେ ପାରମ୍ପରିକ ଛେରା ପହଁରା କାର୍ଯ୍ୟ ସମାପନ କରିବା ପରେ ରଥ ଟଣା ପର୍ଯ୍ୟାୟ ଆରମ୍ଭ ହୋଇଥିଲା । ରଥାରୁଢ଼ ଠାକୁରମାନେ ଭଜନ, ଜଣାଣ, ସଂକୀର୍ତ୍ତନର ସୁମଧୁର ଝଙ୍କାର ଦ୍ୱାରା ସୃଷ୍ଟ ଭକ୍ତିପୂତ ପରିବେଶ, ଆଧ୍ୟାତ୍ମିକ ଉଚ୍ଛ୍ୱାସ ଏବଂ ଐଶ୍ୱରିକ ଭାବାବେଗର ଅପୂର୍ବ ଉନ୍ମାଦନା ମଧ୍ୟରେ ଗୁଣ୍ଡିଚା ଗୃହରେ ପହଞ୍ଚିଥିଲେ । ଏହି ଅବସରରେ ହ୍ୟୁଷ୍ଟନ ଠାରେ ଅବସ୍ଥାପିତ ଭାରତର କନ୍‌ସୁଲେଟ୍ ଜେନେରାଲ ଅସୀମ ମହାଜନ ଏବଂ ସୀତାରାମ ପ୍ରତିଷ୍ଠାନର ଅଧ୍ୟକ୍ଷ ଅରୁଣ ବର୍ମା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ରଥଯାତ୍ରାର ବିଶେଷ ଆକର୍ଷଣ ଭାବରେ ସ୍ଥାନୀୟ ଚିକିତ୍ସକମାନଙ୍କ ଦ୍ୱାରା ଏକ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇଥିଲା । ଶେଷରେ ପ୍ରତିଷ୍ଠିତ ଓ ଉଦୀୟମାନ କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ ଓ ଭାରତନାଟ୍ୟମ ନୃତ୍ୟ ପରିବେଷଣ କରାଯାଇଥିଲା । ଆଇ.ସି.ସି. ତରଫରୁ ଆୟୋଜିତ ଚଳିତ ବର୍ଷର ରଥଯାତ୍ରା ମହୋତ୍ସବକୁ ସଫଳ ଓ ସ୍ମରଣୀୟ କରାଇବାରେ, ଏହାର ଅଧ୍ୟକ୍ଷ ଡଃ ଆଦିତ୍ୟ ସାମଲ, ସଭାପତି ଡଃ ଦେବାନନ୍ଦ ପତି, ଉତ୍ସବ କମିଟିର ଦୁଇ ଆବାହକ ତପନ ବେହେରା ଏବଂ ଅରୁଣୀ ଆଚାର୍ଯ୍ୟଙ୍କର ଭୂମିକା ବିଶେଷ ଉଲ୍ଲେଖଯୋଗ୍ୟ ଥିଲା ।

## ଇମାମି ମନ୍ଦିରରେ ରଥଯାତ୍ରା

ବାଲେଶ୍ୱର : ବାଲଗୋପାଳ ଶିକ୍ଷାଞ୍ଚଳ ସ୍ଥିତ ଇମାମି ମନ୍ଦିରରେ କୋଭିଡ୍ କଟକଣା ମଧ୍ୟରେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ରୀତିନୀତିରେ ବିନା ଭକ୍ତରେ ଅନୁଷ୍ଠିତ ହୋଇଯାଇଛି । ସକାଳୁ ମଙ୍ଗଳ ଆଳତୀ ସହିତ ସକାଳ ଧୂପ ହୋଇ ମଙ୍ଗଳା ଅର୍ପଣ କରାଯାଇଥିଲା । ପରେ ଶ୍ରୀ ଜିଉ ମାନଙ୍କର ପହଣ୍ଡି ହୋଇଥିଲା । ପରେ ମନ୍ଦିର ପରିସର ମଧ୍ୟରେ ତିନି ଠାକୁରଙ୍କୁ ବିରାଜମାନ କରାଯାଇଥିଲା । ମନ୍ଦିର ପରିସରରେ ମନ୍ଦିରର ମୁଖ୍ୟ ପୁରୋହିତ ପ୍ରଦିପ୍ତ କୁମାର ମିଶ୍ର ସମସ୍ତ ରୀତିନୀତି ସମାପନ କରିଥିବା ବେଳେ ଇମାମି ଗପର ଅନ୍ୟତମ ନିର୍ଦ୍ଦେଶକ ତଥା ମନ୍ଦିରର ମୂଖ୍ୟ ପୁରଧା ଶୁଶୀଲ କୁମାର ବଏକା, କାର୍ଯ୍ୟ ନିବାହି ନିଦ୍ଦେଶକ ବିବେକ୍ ଚାଓ୍ୱଲା ମୁଖ୍ୟ ସଞ୍ଚାଳକ ଏମ୍‌ବିଏ ନାୟାର ଶୁଶୀଲ କୁମାର ଖୈତାର ସଭାପତି ଆଶୀସ, ଅଭିନାସ ଗୁପ୍ତା ତଥା ମନ୍ଦିରର ସେବାୟତମାନଙ୍କ ଦ୍ୱାରା ରଥ ଉତ୍ସବ ପାଳିତ ହୋଇଯାଇଛି । ବିନା ଭକ୍ତ ଓ ଶ୍ରଧାଳୁଙ୍କ ଉପସ୍ଥିତିରେ ରଥଯାତ୍ରା ସଂପର୍ଣ୍ଣ ହୋଇଥିବା ଏଜିଏମ ମନୋଜ କୁମାର ପାଢ଼ି ସୁଚନା ଦେଇଛନ୍ତି । ସେହିପରି ବାଣିଆ ଜଗର୍ନ୍ନାଥ ମନ୍ଦିର, ପୁଲିସ ଲାଇନ ଜଗର୍ନ୍ନାଥ ମନ୍ଦିର, ଶାତସଂଗ ଜଗର୍ନ୍ନାଥ ମନ୍ଦିରରେ ନିରାଡ଼ମ୍ବର ଭାବେ ରଥ ଯାତ୍ରା ପାଳିତ ହୋଇଯାଇଛି ।

# କେନ୍ଦ୍ରାପଡା ଜୀବନବୀମା ଅଭିକର୍ତ୍ତାଙ୍କ ବିୟୋଗରେ ଶୋକ



କେନ୍ଦ୍ରାପଡ଼ା : ଭାରତୀୟ ଜୀବନବୀମା ନିଗମ କେନ୍ଦ୍ରାପଡା ଜିଲ୍ଲା ଶାଖା କାର୍ଯ୍ୟାଳୟର ବରିଷ୍ଠ ଅଭିକର୍ତ୍ତା ତଥା ସଙ୍ଘର କୋଷାଧ୍ୟକ୍ଷ ହେମନ୍ତ କୁମାର ପାତ୍ରଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଅଭିକର୍ତ୍ତା ସଙ୍ଘର ସଭାପତି ନାରାୟଣ ଜେନାଙ୍କ ପୌରହିତ୍ୟରେ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଶୋକସଭାରେ କେନ୍ଦ୍ରାପଡା ଜୀବନବୀମା ଶାଖା କାର୍ଯ୍ୟାଳୟର ପ୍ରଶାସନିକ ଅଧିକାରୀ ସ୍ୱଦେଶ ରଞ୍ଜନ ଭୋଳ, ଶାଖାର ସମସ୍ତ ପଦାଧିକାରୀଙ୍କ ସମେତ ଅଭିକର୍ତ୍ତା ବିଜୟ କୁମାର ଆଚାର୍ଯ୍ୟ, ପ୍ରଶାନ୍ତ କୁମାର ରାଉତ, ଫକିର କୁମାର ଖୁଣ୍ଟିଆ, ହିମାଂଶୁ ସାହୁ, ପ୍ରଦିପ ବାରିକ, ଭବାନୀଶଙ୍କର ମହାନ୍ତି, ସୁଶିଲ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାତ୍ରଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନିରବ ପ୍ରାର୍ଥନା କରିବା ସହିତ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ସ୍ୱର୍ଗତ ପାତ୍ରଙ୍କ ପରିବାରକୁ ସମସ୍ତ ସାହାଯ୍ୟ ସହଯୋଗ ପ୍ରଦାନ କରାଯିବାକୁ ଶାଖା କାର୍ଯ୍ୟାଳୟ ପକ୍ଷରୁ ପ୍ରତିଶୃତି ଦିଆଯାଇଥିଲା ।

# କାଗଜପତ୍ରରେ ଚଟଂକତା କରି କୋଟିକୋଟି ଟଙ୍କା ହଡପ ଅଭିଯୋଗ : ଭାପୁର ବ୍ଲକ ଉପାଧକ୍ଷଙ୍କ ବିରୁଦ୍ଧରେ ଥାନାରେ ଏତଲା ଦେଲେ ଅଧକ୍ଷା

ଖଣ୍ଡପଡା: ନୟାଗଡ ଜିଲ୍ଲା ଅଧିନ ଭାପୁର ବ୍ଲକ ଦୁର୍ନୀତିର ଗନ୍ତାଘର ପାଲଟିଥିବା ନେଇ ବହୁବାର ପ୍ରଶାସନ ନିକଟରେ ଅଭିଯୋଗ ହୋଇ ଆସୁଥିଲା । ଭାପୁର ବ୍ଲକ ଅଧକ୍ଷା ଶାନ୍ତିଲତା ବେହେରା ବ୍ଲକ ଉପାଧକ୍ଷ ତଥା ଭାପୁର ବ୍ଲକ ବିକେଡି ସଭାପତି ଗୟାଧର ପରିଡା ବିଭିନ୍ନ ଦୁର୍ନୀତିରେ ଲିପ୍ତ ଥାଇ କିଭଳି ବ୍ଲକ ପ୍ରଶାସନ ସ୍ତରରେ ଦୁର୍ନୀତିକୁ ପ୍ରଶୟ ଦେଇ ଚାଲିଛନ୍ତି ସେ ସଂପର୍କରେ ମୁହଁ ଖୋଲି ତାଙ୍କ ବିରୁଦ୍ଧରେ ଫତେଗଡ ଥାନାରେ ଗତ ୧୧ ତାରିଖରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି । ବ୍ଲକ ଅଧକ୍ଷାଙ୍କ ଅଭିଯୋଗ ଗତ ୨ ବର୍ଷ ଧରି ସେ ବ୍ଲକ କାର୍ଯ୍ୟାଳୟକୁ ଉପାଧକ୍ଷଙ୍କ ଭୟରେ ଆସୁ ନଥିବା ବେଳେ ଏହାର ସୁଯୋଗ ନେଇ ଉପାଧକ୍ଷ ଶ୍ରୀ ପରିଡା ବ୍ଲକ ଅଧକ୍ଷାଙ୍କ ସରକାରୀ କାଗଜାତ, ଚିଠା, ଷ୍ଟାମ୍ପ, ଦସ୍ତଖତକୁ ଜାଲକରି କାଗଜପତ୍ରରେ ଚଟଂକତା କରି କୋଟି କୋଟି ଟଙ୍କା ହଡପ କରି ନେଇଥିବା ଅଭିଯୋଗ ହେଉଛି । ଖାଲି ସେତିକି ନୁହେଁ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥିତ ଅଧକ୍ଷାଙ୍କ କାର୍ଯ୍ୟାଳୟକୁ ଉପାଧକ୍ଷ ଜୋର ଜବରଦସ୍ତ ଅକ୍ତିଆର କରି ରଖିଥିବା ବେଳେ ଏ ସଂପର୍କରେ ମୁହଁ ଖୋଲିଲେ ବ୍ଲକ ଉପାଧକ୍ଷ ଓ ତାଙ୍କ ସମର୍ଥକମାନେ ତାଙ୍କୁ ଜାତିଆଣ ଆକ୍ଷେପ କରି ଗାଳି ଗୁଲଜ କରିବା ସହ ଜୀବନରୁ ମାରି ଶେଷ କରିଦେବା ପାଇଁ ଧମକ ଦେଇଥିବା ସେ ଅଭିଯୋଗ କରିଛନ୍ତି । ବ୍ଲକ ଅଧକ୍ଷା ଏ ସଂପର୍କରେ ଜିଲ୍ଲା ପ୍ରଶାସନ, ଉଚ୍ଚପଦସ୍ଥ ଅଧିକାରୀ, ବିଧାୟକ ଓ ସାସଂଦଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି । ବ୍ଲକ ଅଧକ୍ଷାଙ୍କ ଅଭିଯୋଗପତ୍ର ଗ୍ରହଣ କରି ଫତେଗଡ ପୋଲିସ ଗତ ୨ଦିନ ଧରି ହାତବାନ୍ଧି ବସିଥିବା ବେଳେ ମାମଲାଟିକୁ ଚପାଇଦେବା ପାଇଁ ଉପାଧକ୍ଷ ଏକ ରକମ କସରତ ଆରମ୍ଭ କରି ଦେଇଛନ୍ତି । ଉପାଧକ୍ଷଙ୍କ ପ୍ରରୋଚନାରେ ଭାପୁର ବ୍ଲକର ବିଭିନ୍ନ ପଂଚାୟତରୁ ୧୮ ଜଣ ପଂଚାୟତ ଲୋକ ପ୍ରତିନିଧି ମଙ୍ଗଳବାର ନୟାଗଡ ଉପଜିଲ୍ଲାପାଳଙ୍କୁ କାର୍ଯ୍ୟାଳୟରେ ଭେଟି ବ୍ଲକ ଅଧକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥାପ୍ରସ୍ତାବ ଆଗତ ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି । ଫତେଗଡ ଥାନାରେ ବ୍ଲକ ଅଧକ୍ଷାଙ୍କ ଲିଖିତ ଅଭିଯୋଗ ପରେ ବ୍ଲକ ଉପାଧକ୍ଷ ପ୍ରତିଶୋଧ ପରାୟଣ ହୋଇ ଜ୍ୱର ବାଉଳିରେ ତାଟିଆ କାମୁଡିବା ନ୍ୟାୟରେ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ତେବେ ତାଙ୍କ ବିରୁଦ୍ଧରେ ବ୍ଲକ ଅଧକ୍ଷା କରିଥିବା ଅଭିଯୋଗ ସଂପୂର୍ଣ୍ଣ ଭିତିହୀନ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଉପାଧକ୍ଷ ଶ୍ରୀ ପରିଡାଙ୍କ ଠାରୁ ପ୍ରକାଶ ।

# ଅଧପନ୍ତରିଆ କୁଣ୍ଢେଇ ବ୍ୟାରେଜକୁ ଓସିସି କଲା ହସ୍ତାନ୍ତର



କାକଟପୁର : କାର୍ଯ୍ୟ ସ୍ଥଳରେ ସୂଚନା ଫଳକଟିଏ ନାହିଁ କି ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ଭାବେ ଶେଷ ହୋଇନାହିଁ । ଦୁଇବର୍ଷ ତଳୁ ନିର୍ମାଣଧିନ ପ୍ରକଳ୍ପ କାର୍ଯ୍ୟର ଅବଧି ପୁରି ଗଲାଣି କିନ୍ତୁ ପ୍ରଶାସନିକ ଉଦାସିନତା ଓ ବିଭାଗୀୟ ଅପାରଗତା କାରଣରୁ ବ୍ୟାରେଜ କାର୍ଯ୍ୟ ଶେଷ ହୋଇ ପାରୁନାହିଁ ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି । ନାବାର୍ଡ ଅନୁଦାନ ଅର୍ଥରେ ୨୮ କୋଟି ୨୯ଲକ୍ଷ ୩୧ହଜାର ଟଙ୍କା ବ୍ୟୟ ବରାଦରେ ୨୦୧୪ ମସିହା ଠାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଅଧପନ୍ତରିଆ ଭାବେ ପଡିରହିଥିବା କୁଣ୍ଢେଇ ବ୍ୟାରେଜ ପ୍ରକଳ୍ପକୁ ମଙ୍ଗଳବାର ଦିନ ଠିକାରେ କାର୍ଯ୍ୟ ନେଇଥିବା ଓଡିଶା କନଷ୍ଟ୍ରକସନ କମ୍ପାନୀ (ଓସିସି) କାକଟପୁର ଜଳସେଚନ ବିଭାଗ ସବ୍‌ଡିଭିଜନକୁ ହସ୍ତାନ୍ତର କରିଛି । ଘଟଣାଟି ସ୍ଥାନୀୟ ଅଂଚଳରେ କୌତୁହଳ ସୃଷ୍ଟି କରିଥିବା ବେଳେ ବହୁ ଚାଷି ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଖବରରୁ ପ୍ରକାଶ ଯେ କେନାଲ ତଳ ମୁଣ୍ଡର ଚାଷି ପାଣି ପାଉନଥିବାରୁ ଗତ ୨୬/୨/୨୦୦୯ ମସିହାରେ ୧୪କୋଟି ୪୮ଲକ୍ଷ ୩୧ହଜାର ଟଙ୍କା ବ୍ୟୟ ବରାଦରେ ତତ୍‌କାଳୀନ କୃଷି ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ ପ୍ରାଚୀ ନଦୀର ଛୋଟରାୟପୁର ଠାରେ ଏକ ବ୍ୟାରେଜ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନା କରିଥିଲେ । ଲକ୍ଷ୍ୟ ଥିଲା ବ୍ୟାରେଜ କାର୍ଯ୍ୟ ସଂପୂର୍ଣ୍ଣ ହେଲେ ନଦୀର ଉଭୟ ପାର୍ଶ୍ୱ ବ୍ୟାରେଜ ନିକଟରେ ଦୁଇ ଗୋଟି ମେଗାଲିଫ୍ଟ ବସାଯାଇ କାକଟପୁର ଓ କୁଣ୍ଢେଇ ଡିଷ୍ଟିବ୍ୟୁଟାରୀ ମଧ୍ୟକୁ ଜଳ ଛଡାଗଲେ କାକଟପୁର ରୁ ବେଲଙ୍ଗ ଓ କୁଣ୍ଢେଇ ରୁ କଣିଆଁ ପର୍ଯ୍ୟନ୍ତ ଯାଇଥିବା କେନାଲ ତଳମୁଣ୍ଡ ଚାଷି ସେମାନଙ୍କ ଧାନ ବିଲକୁ ପର୍ଯ୍ୟାପ୍ତ ପରିମାଣର ଜଳ ପାଇପାରିବେ । ମାତ୍ର ଭିର୍ତିପ୍ରସ୍ତର ସ୍ଥାପନର ୫ବର୍ଷ ପରେ ଅର୍ଥାତ୍ ୨୦୧୩-୧୪ ଆର୍ଥିକ ବର୍ଷରେ ବ୍ୟାରେଜର ପୂର୍ବ ସ୍ଥିରୀକୃତ ସ୍ଥାନସହ ବ୍ୟାରେଜର ଡ୍ରଇଁ , ଡିଜାଇନ୍ ବଦଳାଇ ବାଜପୁର ଠାରେ ବ୍ୟାରେଜ କାର୍ଯ୍ୟ ନିର୍ମାଣ ପାଇଁ ନିମାପଡା ଜଳସେଚନ ବିଭାଗ ଡିଭିଜନ କାର୍ଯ୍ୟାଳୟ ଏଷ୍ଟିମେଂଟ ପ୍ରସ୍ତୁତ କଲା । ଉକ୍ତ କାର୍ଯ୍ୟ ପାଇଁ ମୁକ୍ତ ଟେଣ୍ଡର ଡକାଯାଇ ଓଡିଶା କନଷ୍ଟ୍ରକସନ କମ୍ପାନୀକୁ ବ୍ୟାରେଜ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଗଲା । ଓସିସି ଉକ୍ତ କାର୍ଯ୍ୟକୁ ନିଜେ ନ କରି ଅନ୍ୟ ଏକ ଏଜେନ୍ସିକୁ ସବ୍‌ଲେଟ୍ ହିସାବରେ ନିର୍ମାଣ ଦାଇତ୍ୱ ଦେଇଦେଲା । ୨୦୧୩-୧୪ ଆର୍ଥିକ ବର୍ଷରେ ୧୪କୋଟି ୪୮ଲକ୍ଷ ୩୧ହଜାର ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିବା ଏହି ବ୍ୟାରେଜ କାର୍ଯ୍ୟ ପରବର୍ତ୍ତି ସମୟରେ ସଂଶୋଧିତ ଅଟକଳ ମୂଲ୍ୟ ୨୧କୋଟି ୪୮ଲକ୍ଷ ୩୧ହଜାର ଟଙ୍କାରେ ପଂହଚି ଥିବା ବେଳେ ବ୍ୟାରେଜରେ ସଟର ଲାଗିବା ପାଇଁ ଆଉ ଅଧିକ ୭କୋଟି ୨୯ଲକ୍ଷ ଟଙ୍କା ବ୍ୟୟ ବରାଦ ମଂଜୁର ହୋଇଥିଲା । ମୋଟ ୨୮କୋଟି ୭୭ଲକ୍ଷ ୩୧ହଜାର ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହୋଇଥିବା ବ୍ୟାରେଜ କାମ ଅଦ୍ୟାବଧି ୬୦ଭାଗ ସରିଥିବା ବେଳେ ଆଉ ୪୦ଭାଗ କାର୍ଯ୍ୟ ଅସଂପୂର୍ଣ୍ଣ ଭାବେ ପଡିରହିଛି । ଦାଇତ୍ୱ ହସ୍ତାନ୍ତର କରାଯାଇଥିବା ବ୍ୟାରେଜର ପଛପଟେ ବାଡା ନିର୍ମାଣ ହୋଇନଥିବା ବେଳେ ବ୍ୟାରେଜ ନିକଟରେ ପମ୍ପ ହାଉସ , ମେଗାଲିଫ୍ଟ , ବ୍ୟାରେଜ ର ଦୁଇ ପାର୍ଶ୍ୱରେ କୁଣ୍ଢେଇ ଓ କାକଟପୁର ଡିଷ୍ଟିବ୍ୟୁଟାରୀ ପର୍ଯ୍ୟନ୍ତ ଆଡିବନ୍ଧ , ଉଭୟ ଦୁଇ କେନାଲରେ କଂକ୍ରିଟ୍ ଲାଇନିଙ୍ଗ ନିର୍ମାଣ ସହ ବ୍ୟାରେଜକୁ ସଟର ଟେକିବା ପାଇଁ ବିଦ୍ୟୁତ୍ ସଂଯୋଗ ଓ ବିଦ୍ୟୁତ୍ ସବ୍‌ଷ୍ଟେସନ ବସିବା କାର୍ଯ୍ୟର ଅଦ୍ୟାବଧି କାର୍ଯ୍ୟର ଶୁଭାରମ୍ଭ ହୋଇନାହିଁ । ଅପରପକ୍ଷରେ ବ୍ୟାରେଜ କାର୍ଯ୍ୟ ଏଯାବତ୍ ଯେତିକି ମାତ୍ରାରେ ନ ହୋଇଛି ତାଠାରୁ ଅଧିକ ବିଲ୍ ଓସିସିକୁ ନିମାପଡା ଜଳସେଚନ ବିଭାଗ ଡିଭିଜନ ପୈଠ କରିସାରିଲାଣି ବୋଲି ଏହି ବିଭାଗର କେତେକ କର୍ମଚାରୀ ନିଜ ନାମକୁ ଗୋପନ ରଖିବା ସର୍ତରେ ପ୍ରକାଶ କରିଛନ୍ତି । ସଂଶୋଧିତ ପ୍ରକଳ୍ପର ବ୍ୟୟ ଅଟକଳ ଅନୁଯାଇ ଏଯାବତ୍ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ନଥିବା ବେଳେ କେଉଁ ମହତ ଉଦ୍ଦେଶ୍ୟ ରଖି ଓସିସି ଅଧପନ୍ତରିଆ ବ୍ୟାରେଜକୁ କାକଟପୁର ଜଳସେଚନ ବିଭାଗକୁ ହସ୍ତାନ୍ତର କରିଛି ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଚାଷି ମହଲରେ ଦୃଢ ଦାବି ହୋଇଛି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM



MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray